

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୩୦୨ ● ୩୦ ନଭେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-302 ● 30th November 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ୮ ଲକ୍ଷରୁ ଊର୍ଦ୍ଧ୍ୱ ରାସନ କାର୍ଡ କଟାଯାଇଛି

**ଭୁବନେଶ୍ୱର, ୨୯।୧୧**
**ନ୍ୟୁଜ୍ ବ୍ୟୁରୋ**



ପ୍ରକୃତ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କଟାଯାଉଛି। ରାଜନୈତିକ ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଏପରି କାମ କରିଥିବା ଅଭିଯୋଗ ଉପରେ ଶନିବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା। ତେବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିରୋଧୀଙ୍କ ଏପ୍ରକାର ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଥିଲେ।

ମୁଲତବୀ ପ୍ରସ୍ତାବ ନୋଟିସ୍ ଆଲୋଚନାର ଉତ୍ତର ଦେଇ

ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ଆଗରୁ ମୃତ୍ୟୁବରଣ କରିଥିବା, ସରକାରୀ ଚାକିରିଆ ଓ ଆୟକରଦାତାମାନେ ରାସନ କାର୍ଡ ହାତେଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ଖାଦ୍ୟସାମଗ୍ରୀ ନେଉଥିଲେ। ରାଜ୍ୟରେ ନୂଆ ସରକାର ଆସିବା ପରେ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ଚାଲିବା ଫଳରେ ଅନେକ ଅଯୋଗ୍ୟ ହିତାଧିକାରୀ ଏଥିରେ ଧରାପଡିଲେ। ଯେଉଁମାନେ କି ମୃତ ଲୋକ, ଧନୀ ଶ୍ରେଣୀର ଲୋକ ଏବଂ ଥିଲାବାଲା-ଚାରିଚକିଆ ଯାନ ଥିବା ଲୋକ ବେଆଇନ୍ ଭାବେ ରାସନ କାର୍ଡ ହାତେଇ ନେଇଥିଲେ। ସେମାନଙ୍କର ରାସନ କାର୍ଡକୁ କାଟି ଦିଆଯାଇଛି। ଏହି ପ୍ରକ୍ରିୟାରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ରାସନକାର୍ଡ କଟାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରିଛନ୍ତି। ଏବେ ମଧ୍ୟ ରାଜ୍ୟରେ ଯୋଗ୍ୟ ହିତାଧିକାରୀ ସର୍ଭେ ଚାଲୁ ରହିଛି। ଯେଉଁମାନେ ଜାଲିଆତି କରି ରାସନକାର୍ଡ ପାଇଛନ୍ତି ସେମାନଙ୍କୁ ତାହା ଫେରାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଯଦି ସେମାନେ ରାସନକାର୍ଡ ନଫେରାନ୍ତି ତାହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମନ୍ତ୍ରୀ କହିଥିଲେ ଯେ, ଏପର୍ଯ୍ୟନ୍ତ ମାତ୍ର ୪ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ସେମାନଙ୍କୁ ତାହା ଶେଷ କରିବାକୁ ପରାମର୍ଶ ଦିଆଯାଇଛି।

ମନ୍ତ୍ରୀ କହିଥିଲେ ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ଚାଲିବା ବେଳେ ଯେଉଁ ତଥ୍ୟ ବାହାରିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ହିସାବ ଅନୁସାରେ ୬ ଲକ୍ଷ ୯୫ ହଜାର ୫୩୦ ଜଣ ମୃତହିତାଧିକାରୀଙ୍କ ନାମରେ ଚାଉଳ ଉଠୁଥିଲା ଯାହାକୁ ଅନ୍ୟମାନେ ନେଉଥିଲେ। ସର୍ଭେରେ ୮ ଲକ୍ଷରୁ ଊର୍ଦ୍ଧ୍ୱଙ୍କ ରାସନ କାର୍ଡ କଟିଛି । ସେଥି ମଧ୍ୟରେ ୭୫ ହଜାର ୩୦ ଜଣ ସରକାରୀ ଚାକିରିଆ ଅନ୍ତର୍ଭୁକ୍ତ। ଏହାଛଡା ୪୫୪୯୬ ଆୟକର ଦାତାଙ୍କ ରାସନ କାର୍ଡ କଟାଇଛି। ୮ ଲକ୍ଷ ୧୬ ହଜାର ୫୬ ଜଣଙ୍କ ରାସନ କାର୍ଡ କଟିଥିବା ବେଳେ କୌଣସି ଜଣେ ହେଲେ ପ୍ରକୃତ ଗରିବଙ୍କ ରାସନ କାର୍ଡ କଟାଯାଇନାହିଁ। ପୋର୍ଟାଲରେ ଆବେଦନ କଲେ ଯାଞ୍ଚ ହେବ । ବର୍ତ୍ତମାନ ସରକାର ନିଷ୍ପତ୍ତି (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଓଡିଶା ବିକାଶ ସମ୍ମିଳନୀରେ ଜଳବାୟୁ-ସହନଶୀଳ ବିକାଶ, ପରିବେଶ ସୁରକ୍ଷା ଓ ସାମାଜିକ ସଶକ୍ତିକରଣ ପାଇଁ ନୂତନ ପ୍ରସ୍ତାବ ଉପସ୍ଥାପିତ।
- ପୁରୀରେ ଗ୍ଲୋବାଲ ଉର୍ଜା ନେତା ସମ୍ମିଳନୀ ୨୦୨୫ ଆୟୋଜିତ ହେବାକୁ ଯାଉଛି।
- ରାଜଧାନୀର ପ୍ରଦର୍ଶନୀ ମଣ୍ଡପ ଭାରତ ଅନ୍ତର୍ଜାତୀୟ ବ୍ୟବସାୟ ମେଳା ୨୦୨୫ରେ ସ୍ୱର୍ଣ୍ଣ ପୁରସ୍କାର ଜିତି ଓଡିଶାକୁ ଗର୍ବିତ କରିଛି।

# ନୂଆବର୍ଷରେ ଦୁଇଟି କିସ୍ତି ପାଇବେ ନୂଆ ସୁଭଦ୍ରା ହିତାଧିକାରୀ

**ଭୁବନେଶ୍ୱର, ୨୯।୧୧**
**ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ପାଇବେ ନୂଆ ସୁଭଦ୍ରା ହିତାଧିକାରୀ । ଏନେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଆମେ ପୋର୍ଟାଲ ଖୋଲିଛୁ । ୨୧ ବର୍ଷ ଯାହାକୁ ହେଲା ସେମାନେ ଆପେ ଆପେ ଯୋଡ଼ି ହେଉଛନ୍ତି । ସମସ୍ତେ ସୁଭଦ୍ରା ଟଙ୍କା ପାଇବେ ସେଥିପାଇଁ ଆମ ବିଭାଗ କାମ କରୁଛି। କ୍ଷେତ୍ର ପରିଦର୍ଶନ ପରେ ସୁଭଦ୍ରା ଯୋଜନାରେ ଯୋଡ଼ି ହେଲେଣି ୧୭ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା। ବର୍ତ୍ତମାନ ୧ କୋଟି ୩ ଲକ୍ଷ ୮୯ ହଜାର ୮୦୧ ମହିଳା ପ୍ରଥମ/ଦ୍ୱିତୀୟ କିସ୍ତି ପାଇଛନ୍ତି। ସେଥି ମଧ୍ୟରୁ ୯୭ ଲକ୍ଷ ୫୧ ହଜାର ୪୭୯ ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି।

ସରଜମିନ୍ ତଦନ୍ତ ପରେ ସୁଭଦ୍ରା ଯୋଜନାରେ ଯୋଡି ହେଲେଣି ୧୭ ଲକ୍ଷ ୮୩ ହଜାର ୨୫୧ ଜଣ ମହିଳା। ଶନିବାର ବିଧାନସଭାରେ ଏହି ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା ଏହି ସୂଚନା ଦେଇ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ୧ କୋଟି ୩ ଲକ୍ଷ ୮୯ ହଜାର ୮୦୧ ମହିଳା ପ୍ରଥମ ଓ ଦ୍ୱିତୀୟ କିସ୍ତି ପାଇଛନ୍ତି । ସେଥିମଧ୍ୟରୁ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୯୮୨ (+୧୩୬)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୦୦ (+୧୨୫)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୩୭ (+୧୦୩)

## ରୁପା ଦର

ରୁପା – ପ୍ରତି ଗ୍ରାମ ୧୯୨ (+୯)

# ଏଚ୍ଏସ୍ସି ସାର୍ଟିଫିକେଟରେ ରେକର୍ଡ କରାଯାଇଥିବା ଜନ୍ମ ତାରିଖ ସବୁ ଉଦ୍ଦେଶ୍ୟ ପାଇଁ ଗ୍ରହଣୀୟ



**କଟକ, ୨୯।୧୧ : ନ୍ୟୁଜ୍ ବ୍ୟୁରୋ**

ମାଟ୍ରିକ୍ ବା ଏଚଏସସି ସାର୍ଟିଫିକେଟରେ ରେକର୍ଡ କରାଯାଇଥିବା ଜନ୍ମ ତାରିଖ ସବୁ ଉଦ୍ଦେଶ୍ୟ ପାଇଁ ଜନ୍ମ ତାରିଖ ଭାବେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଏଥି ସହିତ ଫୁଡ କର୍ପୋରେସନ ଅଫ୍ ଇଣ୍ଡିଆ(ଏଫସିଆଇ)ରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଚାକିରି ସମ୍ପର୍କିତ ରେକର୍ଡରେ ଏଚଏସସି ସାର୍ଟିଫିକେଟରେ ଥିବା ତଥ୍ୟ ଅନୁସାରେ ଜନ୍ମ ତାରିଖ ସଂଶୋଧନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ମାସ ଭିତରେ ଏହି ନିର୍ଦ୍ଦେଶ ପାଳନ କରି କର୍ତ୍ତୃପକ୍ଷ ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରିବେ। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରବୀର କୁମାର ମୁଦୁଲିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୯୧, ଜାନୁଆରୀ ୧୭ରେ ଆବେଦନକାରୀ ଡବ୍ଲ୍ୟୁଏମସି ସିଷ୍ଟମ ୱାର୍କର ଭାବେ ଏଫସିଆଇରେ ଯୋଗ ଦେଇଥିଲେ। ଚାକିରି ସଂପର୍କିତ ରେକର୍ଡରେ ଆବେଦନକାରୀଙ୍କ ଜନ୍ମ ତାରିଖ ୧୯୬୬, ଅଗଷ୍ଟ ୫ ବୋଲି ଉଲ୍ଲେଖ (ପୃଷ୍ଠା ୭ରେ)

## ଏକାଳ ପଖାଳ




ଆଫ୍ରିକା ଟେଷ୍ଟରେ ସବୁ ଲୁଟି ନେଲା
ଟିମ୍ ବ୍ଲୁ ହେଲା ବଡ
ଆଜିଠୁ ଆରମ୍ଭ ଦିନିକିଆ ମ୍ୟାଚ୍
ଖେଳାଳି ଆସିବେ ବଡ
ଭରଣାରେ ହେବ ମାଡ
ଏକ ହେଇ ଖେଳିଲେ ସଭିଁଏ
ବିପକ୍ଷରେ ହେବ ଝଡ।

# ପୂର୍ବତନ ବିଚାରପତି ଏସ୍. ମୁରଲୀଧର ଜାତିସଂଘ ତଦନ୍ତ କମିଶନ ଅଧ୍ୟକ୍ଷ ନିଯୁକ୍ତ

**ନୂଆଦିଲ୍ଲୀ, ୨୯।୧୧**

ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ଅଧିକୃତ ପାଲେଷ୍ଟିନୀୟ ଅଞ୍ଚଳ ଏବଂ ଇସ୍ରାଏଲ୍ ପାଇଁ ଜାତିସଂଘର ତଦନ୍ତ କମିଶନ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଜାତିସଂଘ ମାନବାଧିକାର ପରିଷଦ ଅଧ୍ୟକ୍ଷ ଜୁର୍ଗ ଲାଉବେର୍ ଜଷ୍ଟିସ୍ ମୁରଲୀଧରଙ୍କୁ ଉପରୋକ୍ତ ନିଯୁକ୍ତି ପ୍ରଦାନ କରିଛନ୍ତି। ଫଳରେ ଜଣେ ଭାରତୀୟ ବିଚାରପତି ଜାତିସଂଘ ତଦନ୍ତକାରୀ କମିଟିର ମୁଖ୍ୟ ହୋଇଛନ୍ତି। (ପୃଷ୍ଠା ୭ରେ)

# ଡିସେମ୍ବର ୫ ପରେ ପୁଣି ଓଡ଼ିଶାରେ ଶୀତ ଲହରି

**ଭୁବନେଶ୍ୱର, ୨୯।୧୧ : ନ୍ୟୁଜ୍ ବ୍ୟୁରୋ**

ଆଜିଠାରୁ ୫ ଦିନ ଯାଏ ରାତିର ତାପମାତ୍ରା ବୃଦ୍ଧି ପାଇବ। ପ୍ରକାରାନ୍ତରେ କହିବାକୁ ଗଲେ ଏହି ସମୟରେ ଓଡ଼ିଶାରେ ଥଣ୍ଡାର ପ୍ରକୋପ କମ୍ ରହିବ। ତେବେ ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇ ଦେଇଛି ଯେ ଡିସେମ୍ବର ୫ ପରେ ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରାରେ ପୁଣି ହ୍ରାସ ଘଟିବ, ଯାହା ରାଜ୍ୟର ଅଧିକାଂଶ ସ୍ଥାନରେ ରେକର୍ଡ କରାଯାଇଥିବା ଗରମ ରାତିର ଏକ ସଂକ୍ଷିପ୍ତ ଅବଧିକୁ ବଦଳାଇ ଦେବ। ପାଣିପାଗ ବିଭାଗ କହିଛି ଯେ ବଙ୍ଗୋପସାଗର ଉପରେ ଦୁଇଟି ସକ୍ରିୟ ପ୍ରଣାଳୀରୁ ଆର୍ଦ୍ରତା ପ୍ରବେଶ ଯୋଗୁଁ ଅନେକ ଜିଲ୍ଲାରେ ପ୍ରାୟ ଦୁଇରୁ ତିନି ଡିଗ୍ରୀର କ୍ଷଣସ୍ଥାୟୀ ବୃଦ୍ଧି ଘଟିଛି ଏବଂ ଡିସେମ୍ବର ପ୍ରଥମ ସପ୍ତାହରେ ଶୀତ ପୁଣି ଥରେ ଶକ୍ତିଶାଳୀ ହେବା ପରେ ଏହି ଲାଭ ହରାଇବ। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପକୂଳ ନିକଟରେ ଦୁଇଟି ସକ୍ରିୟ ପାଗ ପ୍ରଣାଳୀର ଉପସ୍ଥିତିକୁ ରାତିର ତାପମାତ୍ରାରେ ସମ୍ପ୍ରତି ବୃଦ୍ଧି ପାଇଁ ଆଇଏମଡି ଦାୟୀ କରିଛି।

# ଭାରତ ଉପରେ ପ୍ରଭାବ ପକାଇଲାନି ଟ୍ରମ୍ପଙ୍କ ଟାରିଫ୍



**ନୂଆଦିଲ୍ଲୀ, ୨୯।୧୧**

ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଟାରିଫ୍(ଶୁଳ୍କ) ସତ୍ତ୍ୱେ ଭାରତୀୟ ରପ୍ତାନିରେ ବୃଦ୍ଧି ଘଟୁଛି। ବାଣିଜ୍ୟ ମନ୍ତ୍ରଣାଳୟ ଏକ ସଂସଦୀୟ କମିଟିକୁ ସୂଚନା ଦେଇଛି ଯେ, ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଭାରତର ବାହାରକୁ ଯାଉଥିବା ସିପ୍ମେଣ୍ଟ ଗତବର୍ଷର ସମାନ ସମୟ ତୁଳନାରେ ବୃଦ୍ଧି ପାଇଛି।

ଭାରତ ରପ୍ତାନିରେ ଶକ୍ତି ପ୍ରଦର୍ଶନ କରିଛି, ଯାହା କେନ୍ଦ୍ର ସରକାରଙ୍କ ରଣନୀତି ସମ୍ପର୍କରେ ସକାରାତ୍ମକ ଭାବନାକୁ ସୂଚିତ କରେ। ଭାରତ ଏବଂ ଆମେରିକା ଶୁଳ୍କ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ଜାରି ରଖିଛନ୍ତି। ତଥାପି ଅନେକ ପର୍ଯ୍ୟାୟର ସରକାରୀ ବୈଠକ ସତ୍ତ୍ୱେ, ଏପର୍ଯ୍ୟନ୍ତ କୌଣସି ଫଳାଫଳ ହାସଲ ହୋଇପାରିନାହିଁ।

ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ସଂସଦୀୟ ସ୍ଥାୟୀ କମିଟିର ଏକ ବୈଠକ ସମୟରେ କହିଥିଲେ ଯେ, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଭାରତର ରପ୍ତାନି ଉପରେ (ପୃଷ୍ଠା ୭ରେ)










# ଶୀତ ରାତିରେ ନିରାଶ୍ରିତମାନଙ୍କ ଆଶ୍ରା ସାଜିଛି ଛିଣ୍ଡା ଅଖା, କପଡ଼ା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କିଛିଦିନ ହେବ ହାଡ଼ଭଙ୍ଗା ଶୀତ ଲହର ଜାରି ରହିଛି। ସକାଳେ ଓ ରାତିରେ ଘରୁ ବାହାରିବାକୁ ମନ ଲାଗୁନି। ଏଭଳି ସ୍ଥିତିରେ ଥିଲା ବାଲା ତ ଘରେ ଆରାମରେ ଶୋଉଛନ୍ତି, କିନ୍ତୁ ଯେଉଁମାନେ ନିରାଶ୍ରିତ ସେମାନଙ୍କ ପାଇଁ ରାସ୍ତାକଡ଼, ଗଛମୂଳ ଆଶ୍ରା ସାଜିଛି। ଶୀତ, କାକରରେ ବହୁ କଷ୍ଟରେ ଏମାନେ ରାତି କାଟୁଛନ୍ତି। ଦୁଃଖ ତଥା ଦୁର୍ଭାଗ୍ୟର କଥା ହେଉଛି, ଶୀତରୁ ଦେହକୁ ଢାଙ୍କିବା ପାଇଁ ଏମାନଙ୍କ ପାଖରେ ଭଲ ଚାଦର ଖଣ୍ଡେ ନାହିଁ। ଶୀତ ଦାଉରୁ ରକ୍ଷା ପାଇଁ ଛିଣ୍ଡା ଅଖା, ଛିଣ୍ଡା କପଡ଼ାକୁ ଏମାନେଆଶ୍ରା କରିଛନ୍ତି। ଯେନତେନ ପ୍ରକାରେ ଏହା ଘୋଡ଼ାଇ ହୋଇ ରାତି କାଟୁଛନ୍ତି। ମାଷ୍ଟରକ୍ୟାଣ୍ଟିନ୍, ରାଜମହଲ, ଅଶୋକନଗର, ରାମମନ୍ଦିର, ୟୁନିଟ୍-୨ ଅଞ୍ଚଳ ଏହାର ଜ୍ୱଳନ୍ତ ଉଦାହରଣ। ରାତି ହେଲେ, ବହୁ ନିରାଶ୍ରିତ ଏଠାରେ ଖୋଲା ଆକାଶ ତଳେ ମଶା ଡାଉଁଶରେ ଶୋଉଛନ୍ତି। ରାଜ୍ୟ ସରକାର ଏଭଳି ନିରାଶ୍ରିତଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରିଥିଲେ ବି ଏହା କେଉଁଠି ଅଛି କେହି ଜାଣି ପାରୁନାହାନ୍ତି। ଯାହା ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା(ସୁଡା), ଭୁବନେଶ୍ୱର ମହାନଗର ନିଗମର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ରାଜ୍ୟ ସରକାର ସହରାଞ୍ଚଳ ନିରାଶ୍ରିତଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନିରାଶ୍ରିତଙ୍କ ସୁରକ୍ଷିତ ଆଶ୍ରୟ ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି। ଏହାର ସ୍ଥିତି ସମୀକ୍ଷା ପାଇଁ ରାଜ୍ୟସ୍ତରୀୟ ଆଶ୍ରୟସ୍ଥଳୀ ମନିଟିରିଂ କମିଟି(ଏସ୍ଏଲ୍ଏସ୍ଏମ୍ସି) ରହିଛି। କିନ୍ତୁ ସବୁକିଛି ସ୍ଥାଣୁ ପାଲଟିଛି। ଚଳିତବର୍ଷ ଜାନୁଆରିରେ ୧୩ତମ ରାଜ୍ୟସ୍ତରୀୟ ଆଶ୍ରୟସ୍ଥଳୀ ମନିଟରିଂ କମିଟିର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତିକ୍ରମେ ଆଶ୍ରୟସ୍ଥଳୀ ସଂପର୍କରେ ନିରାଶ୍ରିତମାନେ ସହଜରେ ଜାଣିବା ପାଇଁ ଅବା ନିରାଶ୍ରିତଙ୍କ ଆଶ୍ରୟସ୍ଥଳୀକୁ ଜରୁରୀକାଳୀନ ପରିସ୍ଥିତିରେ ପଠାଇବା ପାଇଁ ହେଲ୍ପଲାଇନ୍ ମୋବାଇଲ୍ ନମ୍ବର ୯୭୭୭୬୮୦୭୧ ଜାରି କରାଯାଇଥିଲା। ରେଳଷ୍ଟେସନ୍, ବସ୍ଷ୍ଟାଣ୍ଡ, ଅଟୋଷ୍ଟାଣ୍ଡ, ଡାକ୍ତରଖାନା, ମନ୍ଦିର ଆଦି ପ୍ରମୁଖ ସ୍ଥାନରେ ଏହି ନମ୍ବର ବଡ଼ ବଡ଼ ଅକ୍ଷରରେ ଲେଖିବାକୁ ଭୁବନେଶ୍ୱର ମହାନଗର ନିଗମ ସହ ଅନ୍ୟ ସହରାଞ୍ଚଳକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଉଭୟ ଓଡ଼ିଆ ଓ ଇଂରାଜୀରେ ନମ୍ବର ଉଲ୍ଲେଖ କରିବାକୁ କୁହାଯାଇଥିଲା। କେବଳ ଏହି ହେଲ୍ପଲାଇନ୍ ନମ୍ବର ନୁହେଁ, ଯେଉଁ ଏଜେନ୍ସିମାନେ ଆଶ୍ରୟସ୍ଥଳୀ ପରିଚାଳନା ଦାୟିତ୍ୱ ନେଇଛନ୍ତି, ସେମାନେ ନିୟୋଜିତ କରିଥିବା ଆଶ୍ରୟସ୍ଥଳୀ ମ୍ୟାନେଜରଙ୍କ ନମ୍ବର ଓ ଏଜେନ୍ସିର ଅଧିକାରୀଙ୍କ ନମ୍ବର ସୂଚନା ଫଳକରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ରାଜଧାନୀରେ ଗତ ୨୫ ବର୍ଷର ଶୀତ ରେକର୍ଡ ଭାଙ୍ଗିଲା



**ଭୁବନେଶ୍ୱର/ଘୁ.ଉଦୟଗିରି, ନ୍ୟୁଜ ବ୍ୟୁରୋ**

ଜାଡ଼ରେ ଥରୁଛି ସାରା ରାଜ୍ୟ। ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ରାଜଧାନୀ ଭୁବନେଶ୍ୱରରେ ଗତ ୨୫ ବର୍ଷର ଥଣ୍ଡା ରେକର୍ଡ ଭାଙ୍ଗିଛି। ଗତ ରାତିରେ ରାଜଧାନୀରେ ସର୍ବନିମ୍ନ ତାପମାତ୍ରା ୧୨.୯ ଡିଗ୍ରି ଥିବା ରେକର୍ଡ କରାଯାଇଥିବା ବେଳେ ଘୁ.ଉଦୟଗିରିରେ ସର୍ବନିମ୍ନ ୫.୪ ଡିଗ୍ରି ଥିଲା। ଗତ ଚାରି ଦିନର ଭୋର ୫ଟା୩୦ର ତଥ୍ୟକୁ ଅନୁଧ୍ୟାନ କଲେ ସର୍ବନିମ୍ନ ତାପମାତ୍ରା ୧.୨ ଡିଗ୍ରି ହ୍ରାସ ପାଇଛି। ନଭେମ୍ବର ୧୪ ସନ୍ଧ୍ୟା ସାଢ଼େ ୫ଟାରେ ୧୬ ଡିଗ୍ରି ଥିବା ବେଳେ ୧୫ରେ ୧୫ ଡିଗ୍ରି ଓ ୧୪ ତାରିଖରେ ୧୪.୮ ଡିଗ୍ରି ରହିଥିଲା। ତେବେ ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ପାରଦ ଆହୁରି ହ୍ରାସ ପାଇ ୧୩ ଡିଗ୍ରିରେ ପହଞ୍ଚିଛି। ଅର୍ଥାତ୍ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୧୪.୮ ଡିଗ୍ରି ରହିଥିବା ବେଳେ ଗତକାଲି ତାହା ୧୩ ଡିଗ୍ରିକୁ ଖସି ଆସିଥିଲା। ଏଣେ ଆଜି ଭୋର ସମୟରେ ରାଜଧାନୀରେ ସର୍ବନିମ୍ନ ତାପମାତ୍ରା ୧୨.୯ ଡିଗ୍ରି ଥିବା ରେକର୍ଡ କରାଯାଇଛି। ୧୨ଟି ଜିଲ୍ଲାରେ ଆଜି ତାପମାତ୍ରା ୧୨ ଡିଗ୍ରି ତଳେ ଥିବା ଜଣାଯାଇଛି।

ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରିରେ ପାରଦ ଦିନକୁଦିନ ନିମ୍ନମୁଖୀ ହେବାରେ ଲାଗିଛି। ତାପମାତ୍ରା ପରା ନିମ୍ନମୁଖୀ ହେବା ସହ ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଅଞ୍ଚଳ। ଜାଡ଼ରେ କମ୍ପୁଛି ସାରା ସହର। ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡା ସହର ଭାବେ ଘୁ.ଉଦୟଗିରି ଚିହ୍ନଟ ହେବା ସହ ଅଞ୍ଚଳରେ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଛି। ସଞ୍ଜ ନଇଁଲେ ସହରର ରାସ୍ତାଘାଟ ଜନଶୂନ୍ୟ ହେବା ସହ ସଡ଼କ ସୁନସାନ ହେବାରେ ଲାଗିଛି। ରାତି ଗଡ଼ିଲେ କୁହୁଡି କାୟାବିସ୍ତାର କରିବା ସହ ସାରା ଅଞ୍ଚଳ କୁହୁଡ଼ିର ଚାଦର ତଳେ ବିଛେଇ ହୋଇ ରହିବା ର ଭ୍ରମ ସୃଷ୍ଟି ହେଉଛି। ରାତି ବଢ଼ିଲେ ଜାଡକୁ ଶୀତ ବଢ଼ିବାରେ ଲାଗୁଛି। ଦିନରେ ଥଣ୍ଡାର ପ୍ରକୋପ ଅନୁଭବ ହେଉଥିବା ବେଳେ ରାତିରେ ଏହା ଆହୁରି ବୃଦ୍ଧି ପାଇ ବିନା ଗରମ ପୋଷାକ ହେଉ କି ବିନା ନିଆଁରେ ରହିବା କଷ୍ଟ ହୋଇପଡିଛି। ଗରିବ ଲୋକ ପ୍ରବଳ ଶୀତ ଯୋଗୁଁ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ସହରରେ ଗତକାଲିର ତାପମାତ୍ରା ୫.୮ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ଆଜି ଭୋର ସମୟରେ ତାହା ୫.୪ ଡିଗ୍ରିକୁ ଖସିଛି। ଏନେଇ ସ୍ଥାନୀୟ ଏଏମଏଫୟୁ ସେଣ୍ଟର ପକ୍ଷରୁ ସୂଚନା ମିଳିଛି। ସହରର ତାପମାତ୍ରା ଠାରୁ ଦୁର୍ଗମ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳରେ ଆହୁରି କମ ତାପମାତ୍ରା ରହୁଥିବା ଅନୁମାନ କରିହେଉଛି। ଚଳିତ ବର୍ଷ ବିଳମ୍ବରେ ଶୀତର ଆଗମନ ହୋଇଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ପ୍ରବଳ ଥଣ୍ଡା ହେବା ବି ଅନୁମାନ କରାଯାଉଛି। ଦିନକୁ ଦିନ ପାରଦ ଖସିବା ସହ ଶୀତ ବଢ଼ିବାରେ ଲାଗିଛି। କାଲିଗାଡୁ ହିଲଟପ୍‌ରେ ସୂର୍ଯ୍ୟ ଉଦୟ ସହ ପ୍ରବଳ ଥଣ୍ଡା ଜାଡ଼ରେ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠେଇବାରେ ଲାଗିଛନ୍ତି ପର୍ଯ୍ୟଟକ। ସକାଳୁ ସ୍ଥାନୀୟ ସହରର ଯୁବପିଢି ଖେଳ ପଡ଼ିଆରେ ଭିଡ଼ ଜମେଇ ଥଣ୍ଡାରେ ଖେଳିବା ଏବଂ କସରତ କରି ସୁସ୍ଥତା ପାଇଁ ଉଦ୍ୟମ ଜାରି ରଖିଛନ୍ତି।ଅନ୍ୟପଟେ ଥଣ୍ଡାକୁ ସାରା ଅଞ୍ଚଳ କୁହୁଡ଼ିର ଚାଦର ତଳେ ବିଛେଇ ହୋଇ ରହୁଛି। ସଞ୍ଜ ନଇଁଲେ ଥଣ୍ଡା ତାର ରାଜୁତି ଆରମ୍ଭ କରିଥିବା ବେଳେ ରାତି ଯେତେ ବଢୁଛି ଥଣ୍ଡାର ପ୍ରକୋପ ବଢ଼ିବାରେ ଲାଗୁଛି ତା ସହ କୁହୁଡି ବଢ଼ିବାରେ ଲାଗୁଛି। ରାସ୍ତାରେ ଯାନବାହନ ସମସ୍ୟା ବି ଲାଗି ରହୁଛି କୁହୁଡି ଯୋଗୁଁ। ପାଣିପାଗ ବିଭାଗ ସୂଚନା ପ୍ରକାରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଆହୁରି ପାରଦ ନିମ୍ନକୁ ଖସିବା ସହ ଥଣ୍ଡା ବଢ଼ିବ। ଚଳିତ ବର୍ଷ ବିଳମ୍ବରେ ଶୀତ ଆରମ୍ଭ ହୋଇଥିବା ବେଳେ ହଠାତ ପାରଦ କମିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଦିନରେ ସୂର୍ଯ୍ୟଙ୍କ କିରଣକୁ ଭରସା କରୁଥିବା ବେଳେ ସନ୍ଧ୍ୟା ହେଲେ ନିଆଁର ସାହାରା ନେଉଛନ୍ତି। ଗରିବ ଲୋକ ଥଣ୍ଡା ପାଇଁ ଡହଳ ବିକଳ ହେଲେଣି। ଝାଟିମାଟି ଘରେ ଜୀବନ ବିତାଉଥିବା ପରିବାର ରାତିସାରା ନିଆଁ ଲଗେଇ ଶୋଉଥିବା ବେଳେ ସ୍ଥାନିୟ ସହରରେ ବସଷ୍ଟାଣ୍ଡ ନଥିବା ଏବଂ ସହରରେ କୌଣସି ସ୍ଥାନରେ ଯାତ୍ରୀ ବିଶ୍ରାମ ଗୃହ ନଥିବା ଯୋଗୁଁ ବସ ଯାତ୍ରୀମାନେ ରାତିସାରା ବସ୍‌କୁ ଅପେକ୍ଷା କରିବା ନିମନ୍ତେ କାହା ବାରଣ୍ଡାରେ ବସୁଥିବା ବେଳେ କିଛି ଛକଗୁଡ଼ିକରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି।

# ହଜିଗଲା ମଞ୍ଜାରି ବନ୍ଧ ପୋଖରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗରୁ ମଞ୍ଜାରି ବନ୍ଧ ପୋଖରୀ ନାମରେ ଜଣାଶୁଣା ଥିଲା। କିନ୍ତୁ ଜବରଦଖଲକାରୀଙ୍କ ଲୋଲୁପଦୃଷ୍ଟି ଆଜି ଏହି ପୋଖରୀର ସତ୍ତାକୁ ନିଶ୍ଚିହ୍ନ କରିଦେଇଛି। ଜଳାଶୟ କିସମର ଏହି ସରକାରୀ ଜମିକୁ ସ୍ୱଚ୍ଛଳବର୍ଗ, ସରକାରୀ ଚାକିରିଆମାନେ ମାଡ଼ି ବସିଛନ୍ତି। ସରଣାପଲ୍ଲୀ ବସ୍ତିବାସିନ୍ଦା ବାହାନାରେ ଜବରଦଖଲ କରିଛନ୍ତି। ପରିଣାମ ସ୍ୱରୂପ ନାଳ ଅବରୋଧ ହୋଇଛି ଏବଂ ବର୍ଷା ପାଣି ନିଷ୍କାସନ ନ ହୋଇପାରୁନାହିଁ। ସମସ୍ୟା ସଂପର୍କରେ ବାରମ୍ବାର ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ହୋଇଥିଲେ ସୁଦ୍ଧା ଏହି ବନ୍ଧ ଜବରଦଖଲମୁକ୍ତ ହୋଇପାରୁନି। କେବଳ ସେତିକି ନୁହେଁ, ଏହି ବନ୍ଧ ସଂଲଗ୍ନ ୪ ନମ୍ବର ନାଳକୁ ବି ଜବରଦଖଲକାରୀମାନେ ମାଡ଼ି ବସିଲେଣି। ଏଣୁ ଜଳ ନିଷ୍କାସନ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି ବୋଲି ସ୍ଥାନୀୟ ଅଞ୍ଚଳର ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ସାଧାରଣ ସଂପାଦକ ବିଜୟ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ତହସିଲ ଅଧୀନ ୟୁନିଟ୍-୧୬ ଜୟଦେବବିହାର ମୌଜା ୨୬ ନମ୍ବର ୱାର୍ଡ ଅଞ୍ଚଳରେ ଖାତା ନମ୍ବର-୧୪୨୭, ପ୍ଲଟ୍ ନମ୍ବର-୩୧୩ରେ ୧.୨୮୦ ଏକର ଓ ପ୍ଲଟ୍ ନମ୍ବର-୩୩୬ରେ ୬୭ ଡେସିମିଲ ସରକାରୀ ଜାଗା ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଜଳାଶୟ-୨ କିସମରେ ରହିଛି। ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ଅଭିଯୋଗ କରିଛି ଯେ ଏହି ୱାର୍ଡ ଦେଇ ଯାଇଥିବା ୪ ନମ୍ବର ମୁଖ୍ୟ ନାଳ ଏହି ଅଞ୍ଚଳରୁ ବର୍ଜ୍ୟଜଳ ଓ ବର୍ଷା ଜଳ ନିଷ୍କାସନର ଏକମାତ୍ର ମାଧ୍ୟମ। କିନ୍ତୁ ୩୧୩ ଓ ୩୩୬ ନମ୍ବର ପ୍ଲଟ୍‌ରେ ଥିବା ମଞ୍ଜାରି ବନ୍ଧ ନାମରେ ପରିଚିତ ବିସ୍ତୃତ ସରକାରୀ ଜାଗାକୁ ସ୍ୱଚ୍ଛଳ ବର୍ଗ ଓ ସରକାରୀ ଚାକିରିଆମାନେ ମାଡ଼ି ବସିଛନ୍ତି। ଏଥିରେ ପୁଲିସ, ପଞ୍ଜୀକୃତ ଠିକାଦାର ପ୍ରମୁଖ ଅଛନ୍ତି। ୧୫ରୁ ଅଧିକ ଜବରଦଖଲକାରୀ ଏହି ଜାଗାରେ ଆଜବେଷ୍ଟସ୍, କଂକ୍ରିଟ୍ ଘର,ଏପରିକି ଦୁଇମହଲା ଘର କରି ରହୁଛନ୍ତି। ଅନେକ ଘର ଭଡ଼ାରେ ଲଗାଇଛନ୍ତି। ଜବରଦଖଲ କାରଣରୁ ପ୍ରାଚୀନ ଜଳାଶୟ ମଞ୍ଜାରି ବନ୍ଧର ଆଉ ଚିହ୍ନବର୍ଣ୍ଣ ନାହିଁ। ଜବରଦଖଲ କାରଣରୁ ଚଳିତବର୍ଷ ମାର୍ଚ୍ଚରେ ଆରମ୍ଭ ହୋଇଥିବା ୪ ନମ୍ବର ମୁଖ୍ୟ ନାଳର ନିମ୍ନପାର୍ଶ୍ୱର ନିର୍ମାଣ କାମ ଅଟକି ରହିଛି। ୭୫ ମିଟର ପାଖାପାଖି ଯେଉଁ ନାଳ କାମ ହୋଇଛି, ତାହା ବି ଜବରଦଖଲକାରୀଙ୍କ କାରଣରୁ କ୍ଷତିଗ୍ରସ୍ତ ହେଲାଣି। ନାଳର ଦୁଇପାର୍ଶ୍ୱ କଂକ୍ରିଟ୍ ପ୍ରାଚୀର କଣା କରି ଶୌଚାଳୟ ପାଇପ୍ ପକାଯାଉଛି। ସାଂସଦ ଅପରାଜିତା ଷଡ଼ଙ୍ଗୀ ବି ଏ ପ୍ରସଙ୍ଗରେ ଗତବର୍ଷ ବିଏମ୍ସି କମିସନରଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ବି ବିଏମ୍ସି କମିସନରଙ୍କୁ ଚିଠି ଲେଖି ଜଣାଇଛନ୍ତି। କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଉନି। ଏଣୁ ୪ ନମ୍ବର ମୁଖ୍ୟନାଳର ସୁରକ୍ଷା ସହ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଜଳବନ୍ଦି ସମସ୍ୟା ଦୂର ପାଇଁ ତ୍ୱରିତ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ସାଧାରଣ ପ୍ରଶାସନର ଏନ୍‌ଫୋର୍ସମେଣ୍ଟ୍ ଓଏସ୍‌ଡି ଅମିୟ କୁମାର ଦାସ କହିଛନ୍ତି ଯେ ଏହି ଜାଗା ସରକାରୀ ଜାଗା ଓ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ରହିଛି। କିନ୍ତୁ ଜବରଦଖଲ ହୋଇଥିବାରୁ, ଆମେ ଉଚ୍ଛେଦ ପାଇଁ ଯାଇଥିଲୁ। କିନ୍ତୁ, ଜବରଦଖଲକାରୀମାନେ ଘର ଖାଲି କରିବାକୁ ସମୟ ମାଗିବାରୁ, ଆମେ ଏହାକୁ ବନ୍ଦ ରଖିଥିଲୁ। ଖୁବ୍ ଶୀଘ୍ର ଏଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି।



# ସର୍ବସାଧାରଣ ଶୌଚାଳୟ: ନିର୍ମାଣ ହେଉଛି, କାର୍ଯ୍ୟକ୍ଷମ ହେଉନି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବର୍ତ୍ତମାନ ସୁଦ୍ଧା ରାଜଧାନୀର ପ୍ରମୁଖ ଛକମାନଙ୍କରେ ସର୍ବସାଧାରଣମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳିପାରିଲା ନାହିଁ। ସହରର ସୌନ୍ଦର୍ଯ୍ୟୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ବଡ଼ ବଡ଼ ଛକ ଓ ମାର୍କେଟରେ ଶୌଚାଳୟ ସୁବିଧା ମିଳିପାରୁନାହିଁ। ଲୋକ ଦେଖାଣିଆ ଭାବେ ଛକମାନଙ୍କ ଶୌଚାଳୟ ତିଆରି ହୋଇଛି, ହେଲେ ମାସ ମାସ ଧରି ଉଦ୍‌ଘାଟନ ନହୋଇ ପଡ଼ିରହୁଛି। ରାଜଧାନୀର ବହୁ ପ୍ରମୁଖ ଛକରେ ପାଣି ଓ ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ଶୌଚାଳୟଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ରାସ୍ତା କଡ଼ ଏବେ ଶୌଚାଳୟ ପାଲଟିଛି। ଉଦ୍‌ଘାଟନ ହେଉନଥିବାରୁ ନବନିର୍ମିତ ଏହି ଶୌଚାଳୟଗୁଡ଼ିକ ଆଗରେ ଜବରଦଖଲ ବଢୁଛି।

ଜଳେଶ୍ୱର ମନ୍ଦିର ଛକରେ ଥିବା ଶୌଚାଳୟ ପାଖାପାଖି ୫ମାସ ହେଲାଣି ଉଦ୍‌ଘାଟନ ହୋଇପାରୁନି। ସିଆରପି, ଫାୟାରଷ୍ଟେସନ, ଡେଲଟା ଓ ୟୁନିଟ୍ ୬କୁ ସଂଯୋଗ କରୁଥିବା ଏହି ଛକରେ ବହୁ ସରକାରୀ ତଥା ବେସରକାରୀ ପ୍ରତିଷ୍ଠାନ, ସ୍କୁଲ , ମନ୍ଦିର ଆଦି ରହିଛି। ପ୍ରତିଦିନ ଶହ ଶହ ଲୋକ, ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ପୁଣି ଛକ ନିକଟରେ ସକାଳୁ ବହୁ ଶ୍ରମିକ କାମ ପାଇଁ ବସୁଛନ୍ତି। ହେଲେ ଶୌଚାଳୟ ନଥିବାରୁ ସେମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ବିଶେଷ କରି ମହିଳାମାନେ ହଇରାଣ ପଡୁଛନ୍ତି। ସେହିପରି ଏହିୱାର୍ଡର ୟୁନିଟ୍ ୮ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ଓ ସିଆରପି ଛକରେ ଥିବା ଶୌଚାଳୟ ମଧ୍ୟ ଉଦ୍‌ଘାଟନ ହୋଇପାରୁନାହିଁ। ପାଣି ଓ ବିଦ୍ୟୁତ୍ ସଂଯୋଗ ଅଭାବରୁ ୮ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱରେ ନିର୍ମିତ ଏହି ଶୌଚାଳୟକୁ ଜନସାଧାରଣ ବ୍ୟବହାର କରିପାରୁନାହାନ୍ତି। ତେବେ ଏନେଇ କର୍ପୋରେଟର ସୁଚିତ୍ରା ପାତ୍ରଙ୍କ କହିଛନ୍ତି, ସେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେହିପରି ଇନ୍ଦ୍ରଧନୁ ମାର୍କେଟରେ ପ୍ରାୟ ୧୦ ଲକ୍ଷ ଟଙ୍କାରେ ନିର୍ମିତ ତିନିଟି ଶୌଚାଳୟ ମଧ୍ୟରୁ ମାର୍କେଟ ଭିତର ଓ ନୂଆପଲ୍ଲୀ ବସ୍ ଷ୍ଟପେଜ୍ ନିକଟରେ ଥିବା ଶୌଚାଳୟରେ ବିଦ୍ୟୁତ୍ ଓ ପାଣି ସଂଯୋଗ ଅଭାବରୁ ଏଯାଏଁ ଉଦ୍‌ଘାଟନ ହୋଇପାରିନାହିଁ। ତେବେ ଏନେଇ କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ କହିଛନ୍ତି, ହସ୍ପିଟାଲ ନିକଟରେ ନବନିର୍ମିତ ଶୌଚାଳୟ ଖୋଲା ହୋଇଗଲାଣି। ବାକି ଦୁଇଟି ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ସେହିପରି ହାଉସିଂବୋର୍ଡ ଛକ ଓ ୪ ନମ୍ବର ମାର୍କେଟ ମଧ୍ୟରେ ମଧ୍ୟ ଶୌଚାଳୟ ନିର୍ମାଣ କାର୍ଯ୍ୟ ଏଯାବତ୍ ସରିଲା ନାହିଁ। ତେବେ ଏନେଇ କର୍ପୋରେଟର ଅଲିଅଲି ମଲ୍ଲିକଙ୍କ କହିଛନ୍ତି, ହାଉସିଂବୋର୍ଡ ଛକରେ ତିଆରି ହେଉଥିବା ଶୌଚାଳୟ ପୂର୍ତ୍ତ ବିଭାଗ ପକ୍ଷରୁ ହେଉଛି। ମାଂସ ମାର୍କେଟ ମଧ୍ୟରେ ନିର୍ମିତ ଶୌଚାଳୟ ଖୁବ ଶୀଘ୍ର ଉଦ୍‌ଘାଟିତ ହେବ ବୋଲି ସେ କହିଛନ୍ତି।

# ଶୀତ ଆଗମନରେ ନନ୍ଦନକାନନରେ ଜୀବଜନ୍ତୁ ଖୁଆଡ଼ରେ ପଡ଼ିଲା ନଡ଼ା

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଶୀତରେ ଥରୁଛି ରାଜଧାନୀ। ରାତି ତାପମାତ୍ରା ୧୫ ଡିଗ୍ରି ସେଲ୍‌ସିୟସ ତଳକୁ ଖସିଆସିଲାଣି। ଲୋକେ ବିଭିନ୍ନ ପ୍ରକାର ଶୀତବସ୍ତ୍ର ପରିଧାନ କରି, ନିଆଁ ପୁଇଁ ନିଜକୁ ଗରମ ରଖୁଛନ୍ତି। ହେଲେ ନିରିହ ପଶୁପକ୍ଷୀମାନେ ସେମାନେ ଶୀତରେ ଥରୁଛନ୍ତି। ତେବେ ଶୀତ ପ୍ରକୋପକୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଜୀବଜନ୍ତୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସକାଳ ଓ ସନ୍ଧ୍ୟା ସମୟ ନନ୍ଦନକାନନର ବାଘ, ଭାଲୁ ଓ ସିଂହ ଚଳଚଞ୍ଚଳ ରହୁଥିବା ଦେଖିବାକୁ ମିଳୁଛି। ପର୍ଯ୍ୟଟକମାନେ ବୁଲି ଦେଖିବା ଲାଗି ପାଗ ଅନୁକୂଳ ରହୁଥିବାରୁ ନନ୍ଦନକାନନରେ ପର୍ଯ୍ୟଟକ ସଂଖ୍ୟା ମଧ୍ୟ ବଢୁଛି। ଚିତ୍ରାଗେଣ୍ଡାଳିଆ, ବଗ ପ୍ରଭୃତି ଜଳଚର ପକ୍ଷୀମାନେ ଦିନ ୧୧ଟା ଯାଏ ଜଳାଶୟ ଉପରେ ଖରାରେ ଧାଡ଼ିବାନ୍ଧି ବସି ରହୁଛନ୍ତି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶୀତଦିନେ ସରିସୃପଙ୍କୁ ଅଧିକ ଥଣ୍ଡା ଲାଗିଥାଏ। ତେଣୁ ସେମାନେ ଏହି ସମୟରେ ଶୀତସୁପ୍ତିରେ ରହିଥାନ୍ତି। ତେବେ ନନ୍ଦନକାନରେ ସାପ ଖୁଆଡ଼ରେ ନଡ଼ା ପକାଯାଇ ଉଷୁମ ରଖାଯାଉଛି। ନାଗ, ଅଜଗର ଆଦି ସାପ ଖୁଆଡ଼େ ବିଦ୍ୟୁତ୍ ବଲ୍‌ବ ଲଗାଯାଇଛି। ସେହିପରି କୁମ୍ଭୀର ଦିନ ୧୧ଟା ପର୍ଯ୍ୟନ୍ତ ପାଣିରୁ ବାହାରି ଆସି ବାଲିରେ ଶୋଉଛନ୍ତି। ସିମ୍ପାଜିମାନଙ୍କୁ କମ୍ବଳ ଯୋଗାଇ ଦିଆଯାଇଛି। ଶୀତ ଦାଉରୁ ରକ୍ଷା ଲାଗି ଜୀବଜନ୍ତୁଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଥିବା ପ୍ରାଣୀ ବିଭାଗ ଏସିଏଫ୍ ରୁଦ୍ର ପ୍ରସାଦ କହିଛନ୍ତି ।





# ଶାନ୍ତିପଲ୍ଲୀ ବସ୍ତିବାସିନ୍ଦାଙ୍କୁ ବାସଗୃହ ଆବଣ୍ଟନ ପାଇଁ ପଥ ପରିଷ୍କାର

## ମାମଲା ଶୁଣାଣିରେ ପୂର୍ଣ୍ଣଛେଦ ପକାଇଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ସହିଦନଗର ଶାନ୍ତିପଲ୍ଲୀ ବସ୍ତିବାସିନ୍ଦାଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ହିତାଧିକାରୀଙ୍କ ବାସଗୃହ ନିର୍ମାଣ ଓ ଆବଣ୍ଟନ ପାଇଁ ପଥ ପରିଷ୍କାର ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିବା ସହିତ ୨୦୨୩ରୁ ବିଚାରାଧୀନ ଥିବା ମାମଲାରେ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ଅଙ୍କୁଶ ଉଠାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଏ ସଂପର୍କିତ ମାମଲା ଗୁଡ଼ିକର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଛେଦ ପକାଇଛନ୍ତି। ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶାନ୍ତିପଲ୍ଲୀ ବସ୍ତିର କେତେକ ବାସିନ୍ଦାଙ୍କ ତରଫରୁ ଦାୟର ମାମଲା ଗୁଡ଼ିକର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ସରକାରୀ ଜମିର ଦୀର୍ଘ ଓ ନିରନ୍ତର ଦଖଲ ଜଣଙ୍କୁ ଏହାର ମାଲିକାନା କିମ୍ବା ଦଖଲରେ ରଖିବାର ଅନିର୍ଦ୍ଦିଷ୍ଟ ଅଧିକାର ପ୍ରଦାନ କରେ ନାହିଁ। ଶାନ୍ତିନଗର ଆବାସ ଯୋଜନା ପାଇଁ ୧୯ ଏକର ୩୯୫ ଡିସିମିଲ ଜମି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)କୁ ସାଧାରଣ ପ୍ରଶାସନ ବିଭାଗ ୨୦୧୬, ନଭେମ୍ବର ୪ର ବିଜ୍ଞପ୍ତି ଆଧାରରେ ଟ୍ରାନ୍ସଫର କରିବା ନିଷ୍ପତ୍ତିକୁ ହାଇକୋର୍ଟ କାଏମ ରଖିଛନ୍ତି। ଏହି ଯୋଜନାରେ ବାସଗୃହ ପାଇଁ ହିତାଧିକାରୀଙ୍କ ଅଂଶ ୧ ଲକ୍ଷ ୫୦ ହଜାର ଟଙ୍କା ନିର୍ଦ୍ଧାରଣ ନିଷ୍ପତ୍ତି ମଧ୍ୟ କାଏମ ରହିଛି। ଆବେଦନକାରୀଙ୍କୁ ନିର୍ଦ୍ଧାରିତ ସମୟରେ ତତ୍କାଳିକ ବାସସ୍ଥାନରେ ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ ସହ ଥଇଥାନ କରାଯିବ। ଯେଉଁ ହିତାଧିକାରୀ ଆବାସ ଯୋଜନା ଅନ୍ତର୍ଗତ ନିଜ ଅଂଶ ଦେଇ ନପାରିବେ ସେମାନଙ୍କୁ ବିଏମ୍ ?ସି ଓ ବିଡିଏ ବ୍ୟାଙ୍କ ଋଣ ସମର୍ଥନ ସୁବିଧା ଓ ସହଯୋଗ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଗୃହ ଆବଣ୍ଟନର ନିରପେକ୍ଷତା, ତତ୍କାଳିକ ବାସସ୍ଥାନ ସୁବିଧା ଓ ଆର୍ଥିକ ସହାୟତା ପ୍ରସଂଗ ତଦାରଖ ପାଇଁ ଏକ ତଦାରଖ କମିଟି ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଟୋଲ୍ ପ୍ଲାଜା ପାଖରେ ବେଆଇନ ପାର୍କିଂ: ଦୁର୍ଘଟଣା ବୃଦ୍ଧି

**ବୈଶିଙ୍ଗା, ନ୍ୟୁଜ ବ୍ୟୁରୋ**

ଜନସାଧାରଣଙ୍କ ଗମନାଗମନ ସୁବିଧା ଓ ଦୁର୍ଘଟଣା ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସଡ଼କ ନିର୍ମାଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତିକ୍ଷ ହେଲେ କେଉଁଠି ଟୋଲ୍ ପ୍ଲାଜାକୁ ନିଲାମ ସୂତ୍ରରେ ନେଇଥିବା ଠିକା ସଂସ୍ଥାର ମନମାନୀ ତ କେଉଁଠି ପରିବହନ ବିଭାଗର ଅବହେଳାରୁ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛିକ୍ଷ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନହରପାଟଣାରୁ ମୟୂରଭଂଜ ଜିଲ୍ଲା ଝାରପୋଖରୀଆକୁ ସଂଯୋଗ କରୁଥିବା ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ପ୍ଲାଜା ନିକଟରେ। ସନ୍ଧ୍ୟା ହେଲେ ରାସ୍ତା ଅବରୋଧ ଟୋଲ୍ ଗେଟ୍ ପାଖ ଢାବା ସାମ୍ନା ଓ ପାର୍ଶ୍ୱ ପାଲଟିଛି ଏକ ପ୍ରକାର ପାର୍କିଂ ଜୋନ୍। ରାତି ତମାମ ପୁରା ଜାତୀୟ ରାଜପଥକୁ ଅବରୋଧ କରି ଛିଡ଼ା କରି ରଖୁଛନ୍ତି ମାଲମାଲ ଟ୍ରକ୍ ଟ୍ରଲର। ଜାତୀୟ ରାଜପଥରେ ମାଲମାଲ ଟ୍ରକ୍ ବେଆଇନ ପାର୍କିଂ କରିବା ସହ ପାର୍ଶ୍ୱବର୍ତ୍ତୀ ସର୍ଭିସ ରୋଡ୍‌କୁ ମଧ୍ୟ ସମ୍ପୂର୍ଣ୍ଣ ଜାମ କରି ରଖୁଛନ୍ତି ଟ୍ରକ୍ ଫଳରେ ଏହି ବେଆଇନ ପାର୍କିଂ କରିବା ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସେହିଭଳି ଉକ୍ତ ସ୍ଥାନରେ ବେଆଇନ ପାର୍କିଂ ଯୋଗୁ ଶୀତଦିନେ ଲାଗି ରହୁଥିବା ଘନ କୁହୁଡ଼ିରେ ଛିଡ଼ା ହୋଇଥିବା ଟ୍ରକ୍ ସବୁ କାର ଚାଳକ କି ବାଇକ ଚାଳକଙ୍କୁ ଦୃଶ୍ୟମାନ ହଉନାହିଁ ଯାହାପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରାତ୍ରିକାଳୀନ ପଥଚାରୀକ୍ଷ ବାରମ୍ବାର ଅଭିଯୋଗ ପରେ ମଧ୍ୟ ନା ଶୁଣୁଛି ପ୍ରଶାସନ ନା ଦୃଷ୍ଟି ଦେଉଛି ଜାତୀୟ ରାଜପଥ ପ୍ରାଧିକରଣକ୍ଷ ଏମିତିକି ଟୋଲ ପ୍ଲାଜା ଲକ୍ଷାଧିକ ଟଙ୍କା କଲେକ୍ସନ କରୁଥିବାବେଳେ ବି ଏହି ବେଆଇନ ପାର୍କିଂ ପ୍ରତି ନିଘା ଦେଉନଥିବା ଅଭିଯୋଗ ହେଉଛି। ସେହିପରି ରାସ୍ତା ପାର୍ଶ୍ୱ ଢ଼ାବାରେ ଅବାଧରେ ବେଆଇନ ନିଶା କାରବାର ଚାଲୁଥିବା ଯୋଗୁଁ ଟ୍ରକ ଚାଳକ ରାସ୍ତା ଉପରେ ଟ୍ରକ ପାର୍କିଂ କରି ସେଠାରେ ଅଡ୍ଡା ଜମାଉଥିବାର ଅଭିଯୋଗ ମଧ୍ୟ ହୋଉଛି ।





## କଷିଆ ମୁହାଣରୁ ମୃତ ଡଲ୍‌ଫିନ୍ ଉଦ୍ଧାର

**ବାସୁଦେବପୁର, ନ୍ୟୁଜ୍ ବ୍ୟୁରୋ**

ବାସୁଦେବପୁର କଷିଆ ସମୁଦ୍ର ମୁହାଣରୁ ବିରାଟକାୟ ଡଲଫିନ୍‌ର ମୃତଦେହ ଉଦ୍ଧାର ହୋଇଛି। ଡଲଫିନ୍‌ଟିର ଲମ୍ବ ୧୨ରୁ ୧୫ ଫୁଟ୍ ହୋଇଥିବା ଜଣାପଡିଛି। ଏବଂ ଏହାର ଓଜନ ୧ ଟନ୍‌ରୁ ଅଧିକ ହେବ। ମତ୍ସ୍ୟଜୀବୀମାନେ ଡଲ୍‌ଫିନ୍‌ଟିକୁ ସମୁଦ୍ରରେ ମୃତ ଅବସ୍ଥାରେ ଉଦ୍ଧାରକରି ମୁହାଣକୁ ଆଣିବା ପରେ ବନ ବିଭାଗ ଉଦ୍ଧାର କରିଛି।

## ଫୁଲବାଣୀରେ ଘନ କୁହୁଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ସକାଳେ ଫୁଲବାଣୀରେ ଘନ କୁହୁଡ଼ି ଦେଖାଯାଇଥିବା ବେଳେ ଭବାନୀପାଟଣା ଏବଂ ରାଉରକେଲାରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି। ସକାଳେ ଫୁଲବାଣୀରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା । ଯାହାର ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିଥିଲା। ସେହିପରି ଭବାନୀପାଟଣା ଓ ରାଉରକେଲାରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା । ଯାହାର ଦୃଶ୍ୟମାନ ଦୂରତା ୨୦୦ରୁ ୫୦୦ ମିଟର ମଧ୍ୟରେ ରହିଥିଲା । ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦୁଇ ଜିଲ୍ଲା ଅନୁଗୁଳ ଓ ଝାରସୁଗୁଡ଼ାରେ ପ୍ରବଳ ଶୀତ ଲହରି ଅନୁଭୂତ ହୋଇଥିଲା । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

# ବ୍ରହ୍ମପୁରରେ ଡକାୟତ ଦଳ ସକ୍ରୀୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଟାଉନ୍ ଥାନା ଅଞ୍ଚଳରେ ମାତିଛନ୍ତି ଚୋର ଦଳ । ତାଲାବନ୍ଦ ଘରକୁ ନିଶାଣ କରି ରାତି ଅଧରେ କଳାକନା ବୁଲାଉଛନ୍ତି । ୪ ଦିନରେ ଏହି ଥାନା ଅନ୍ତର୍ଗତ ନୀଳାଦ୍ରି ବିହାରରୁ ୨ଟି ତାଲା ବନ୍ଦ ଘରୁ ଚୋରି ହୋଇଛି । ଚୋରମାନେ ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର ଅଳଙ୍କାର ଓ ନଗଦ ଟଙ୍କା ନେଇଯାଇଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ୍ୟ ଚୋରଙ୍କ ସୁରାକ୍ ପାଇପାରୁନାହାନ୍ତି । ଭଞ୍ଜନଗର ଅଞ୍ଚଳର ମହମ୍ମଦ ଗୁଲାମ୍ ଅହମ୍ମଦ ତୁଳସୀନଗର ୯ମ ଲାଇନ୍‌ରେ ଘରଭଡ଼ା ନେଇ ସପରିବାର ରହୁଥିଲେ । ଗୁଲାମଙ୍କ ପୁଅ ବେଙ୍ଗାଲୁରୁରେ ଚାକିରୀ କରୁଥିବାରୁ ଚଳିତ ମାସ ୭ ତାରିଖରେ ଗୁଲାମ୍ ପରିବାରବର୍ଗଙ୍କୁ ଧରି ପୁଅ ପାଖକୁ ଯାଇଥିଲେ । ୨୪ ତାରିଖ ରାତିରେ ଗୁଲାମ୍ ବ୍ରହ୍ମପୁର ଫେରିବା ପରେ ଘରର ବିଭିନ୍ନ ସାମଗ୍ରୀ ଏପଟେ ସେପଟେ ପଡ଼ିଥିବା ଦେଖିଥିଲେ । ଆଲମାରୀ ଭଙ୍ଗା ଯାଇଥିଲା । ସେଥିରେ ରଖାଯାଇଥିବା ୨ଟି ହୀରା ମୁଦି, ଗୋଟିଏ ସୁନାହାର, ଦୁଇଟି ସୁନା ଚେନ୍, ୨ ହଳ ସୁନା କାନଫୁଲ, ମଥାମଣି, ୨ଟି ସୁନାମୁଦି ଓ କିଛି ନଗଦ ଟଙ୍କା ନଥିବା ଜାଣିପାରିଥିଲେ । ଘରୁ ପ୍ରାୟ ୧୨ ଲକ୍ଷ ଟଙ୍କାର

### ୪ ଦିନରେ ଲୁଟି ନେଲେ ୩୦ ଲକ୍ଷ ଟଙ୍କା

ସାମଗ୍ରୀ ଚୋରି ହୋଇଥିବା ଜାଣିବା ପରେ ଗୁଲାମ୍ ଟାଉନ୍ ଥାନା ପୋଲିସକୁ ଖବର ଦେଇଥିଲେ । ସନ୍ଧାନୀ କୁକୁର ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ୍ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଛି । ଏହାର ୩ ଦିନ ତଳେ ନିଳାଦ୍ରୀ ବିହାର ୨ ଲାଇନ୍‌ରେ ରହୁଥିବା ଟି. ମନୋଜ କୁମାର ପାତ୍ରଙ୍କ ଘରୁ ନଗଦ ୧୦ ଲକ୍ଷ ଟଙ୍କା ସହ ୮ ଲକ୍ଷରୁ ଅଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିଲା । ୨୨ ତାରିଖ ରାତିରେ ପରିବାର ଲୋକେ ଘଟଗାଁ ବୁଲିବାକୁ ଯାଇଥିଲେ । ୨୩ ତାରିଖ ବିଳମ୍ବିତ ରାତିରେ ମନୋଜ ଓ ତାଙ୍କ ପରିବାର ବ୍ରହ୍ମପୁର ଫେରିଥିଲେ । ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ମୁଖ୍ୟ କବାଟର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ । ଭିତରକୁ ଯାଇ ଯାଞ୍ଚ ପରେ ଘରେ ରଖାଯାଇଥିବା ନଗଦ ୧୦ ଲକ୍ଷ ଟଙ୍କା, ୧୦ ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର, ୫୦୦ ଗ୍ରାମ ଓଜନର ରୂପା ଅଳଙ୍କାର ଚୋରି ହୋଇଯାଇଥିବା ଜଣାପଡ଼ିଥିଲା । ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା । ୪ ଦିନ ଭିତରେ ଏହି ଥାନା ଅଞ୍ଚଳରେ ୨ଟି ତାଲା ବନ୍ଦଘରୁ ବଡ଼ ଧରଣର ଚୋରି ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ଲୋକମାନେ ଘରର ତାଲା ପକାଇ ବାହାରକୁ ଯିବାକୁ ଡରୁଛନ୍ତି । ତେବେ ତାଲା ପଡ଼ିଥିବା ଘର ବିଷୟରେ ଚୋର ଦଳ କିପରି ଜାଣୁଛନ୍ତି, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ସହରରେ ବିଭିନ୍ନ ସାହିରେ ସାମଗ୍ରୀ ବିକ୍ରି କରୁଥିବା ଫେରିବାଲାଙ୍କ ଉପରେ କିଛି ଲୋକ ସନ୍ଦେହ କରୁଛନ୍ତି । ଏହି ଫେରିବାଲାମାନେ ଦିନରେ ସାହି ସାହି ବୁଲି ତାଲା ବନ୍ଦ ଘରର ବିଷୟରେ ତଥ୍ୟ ସଂଗ୍ରହ କରିବା ପରେ ଚୋର ଦଳକୁ ସୂଚନା ଦେଉଥିବା ସନ୍ଦେହ କରାଯାଉଛି।

## ୬୦ ବର୍ଷ ପରେ ସମସ୍ତ ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରିବାକୁ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ । ୬୦ ବର୍ଷ ପରେ ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏନେଇ ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସମାଜସେବୀ ବି. ହରିରାଓ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୬୦ ବର୍ଷ ହୋଇଗଲେ ପ୍ରାୟ ୮୦ ଭାଗ ଲୋକ ଅନ୍ୟର ଆଶ୍ରୟ ନେଉଛନ୍ତି । ଏବଂ ନିଜ ପରିବାରବର୍ଗ ମଧ୍ୟ ଠିକ୍ ଭାବେ ଦାୟିତ୍ୱ ନିର୍ବାହ କରିପାରୁନାହାଁନ୍ତି । ତେଣୁ ଏହାକୁ ଦୃଷ୍ଟିରେ ରଖି ସରକାର ବାର୍ଦ୍ଧକ୍ୟ ଭତ୍ତାରେ ବ୍ୟବସ୍ଥା କରିଛନ୍ତି । ବର୍ତ୍ତମାନ ଯେଉଁ ହିତାଧିକାରୀମାନେ ଭତ୍ତା ପାଉଛନ୍ତି ସେହି ଭିତରେ କାହାର ମୃତ୍ୟୁ ହେଲେ ନୂତନ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଭତ୍ତା ତାଲିକାରେ ସାମିଲ୍ କରାଯାଉଛି । ଏପରି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ । କାରଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ବି ବର୍ତ୍ତମାନ ବହୁ ବୃଦ୍ଧ ବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ୬୦ ବର୍ଷ ପରେ ସମସ୍ତ ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ପାଇବାରେ ଯୋଗ୍ୟତା ପ୍ରାପ୍ତ କରାଇବାରେ ବ୍ୟବସ୍ଥା କରାଯାଉ । ହେଲେ ଗରିବ, ଖଟିଖିଆ, ମଜୁରିଆ ଉପକୃତ ହୋଇପାରିବା ସହ ଖାଦ୍ୟ, ଔଷଧ ପତ୍ର କ୍ରୟ କରି ବୃଦ୍ଧା ଅବସ୍ଥା ପାର କରିପାରିବେ । ତେଣୁ ସମସ୍ତ ୬୦ ବର୍ଷର ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ କରିବାରେ ସହାୟତା କରିବାକୁ ଦାବି କରାଯାଇଛି ।

## କଳିଙ୍ଗ ପୁସ୍ତକମେଳାରେ କବିତା ଆସର



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କଳିଙ୍ଗ ପୁସ୍ତକ ମେଳା ମଞ୍ଚରେ କୋଠଘର ପ୍ରକାଶନୀ ପକ୍ଷରୁ ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ରବି ସ୍ୱାଇଁ, କଥାକାର ଲକ୍ଷ୍ମୀ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କାହ୍ନୁଚରଣ ପାଣିଗ୍ରାହୀଙ୍କ 'ଅନୁଭବର ସ୍ୱର, ଅର୍ଜୁନୀ ଚରଣ ବେହେରାଙ୍କ 'ଦେବୀ ପୀଠ ଓ ଦେବୀମାନଙ୍କର କଥା', ପ୍ରତାପ ଶେଖର ସାହୁଙ୍କ 'ବିକ୍ଷିପ୍ତ ସ୍ୟାହିର ଛିଟା', ରବୀନ୍ଦ୍ର ହୋତାଙ୍କ 'ଜଣେ ଆଚାର୍ଯ୍ୟର ଆତ୍ମକଥା', ସଂଯୁକ୍ତା ସାହୁଙ୍କ 'କବିତାର ମଧୁଗୀତି', ବାସନ୍ତୀ ଦେଈଙ୍କ 'ଏଇ ତ ଜୀବନ', ସୁଜାତା ପତିଙ୍କ 'ଅଜଣା ସମ୍ପର୍କ' ଲୋକାର୍ପିତ ହୋଇଥିଲା। ଏଥିସହିତ ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ କବିତା ଆସର ଅନୁଷ୍ଠିତ ହୋଇଥିଲେ। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର ଓ ସୁଚିସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରତାପ ରଞ୍ଜନ ମହାନ୍ତି, ଲିନା ଶତପଥୀ, ରାଜଲକ୍ଷ୍ମୀ ତ୍ରିପାଠୀ, ସସ୍ମିତା ହୋତା ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର ଧନ୍ୟବାଦ ଦେଇଥିଲେ।



## ରାଜ୍ୟ ପରିବହନ ବସ୍ ସେବା ସଂପ୍ରସାରଣ ପାଇଁ ସ୍ମାରକ ପତ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡରୁ ସମ୍ବଲପୁର ଦେଇ ସୋନପୁରକୁ ଆସୁଥିବା ରାଜ୍ୟ ପରିବହନ ବିଭାଗ ବସ୍ ସେବା ବୀରମହାରାଜପୁରକୁ ସଂପ୍ରସାରଣ ପାଇଁ ଶୁକ୍ରବାର ବରିଷ୍ଠ ନାଗରିକ ସଂଗଠନ ତରଫରୁ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କୁ ଭେଟି ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ସୁନ୍ଦରଗଡ଼ରୁ ଏହି ବସ୍ ସୋନପୁରକୁ ଦିନ ୧୦ ଘଣ୍ଟାରେ ପହଞ୍ଚି ଅପରାହ୍ନ ୩ ଘଣ୍ଟାରେ ଛାଡୁଛି । ଏହି ବସ୍ ସେବାକୁ ବୀରମହାରାଜପୁରକୁ ସଂପ୍ରସାରଣ କଲେ ଏଠାକାର ଅଧିବାସୀ ଯାତାୟାତ ଓ ବାଣିଜ୍ୟ କ୍ଷେତ୍ରରେ ବିଶେଷ ଉପକୃତ ହେବେ ବୋଲି ଏହି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତିନିଧି ଦଳରେ ଜ୍ଞାନେନ୍ଦ୍ର ତ୍ରିପାଠୀ, ଚମରା ମହାକୁର, ଦୟାନିଧି ହୋତା, ଦ୍ୱିତୀକୃଷ୍ଣ ପଣ୍ଡା, ସତ୍ୟ ନାରାୟଣ ନାୟକ, ଅକ୍ଷୟ ମିଶ୍ର, ବାସୁଦେବ ପଣ୍ଡା, ଜଗଦୀଶ ଚାନ୍ଦ, ସୌମିତ୍ରୀ ମେହେର, ଅକ୍ରୂର ଦନ୍ତା, ଶିବ ଖମାରୀ, ସୁରେନ୍ଦ୍ର ହୋତା ପ୍ରମୁଖ ସାମିଲ ହୋଇଥିଲେ।

## ଲୁଟ୍ ମାମଲାରେ ୩ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଗତ ୨୬ ତାରିଖରେ ଜାମୁଣ୍ଡା ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଠାରୁ ଟଙ୍କା ଲୁଟ୍ କରିଥିବା ମାମଲାରେ ଟାଉନ୍ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୩ ଜଣ ଅଭିଯୁକ୍ତ ହେଲେ ଜୟପୁର ଗୋପବନ୍ଧୁନଗର ଅଞ୍ଚଳର ଟି. ଶଙ୍କର (୧୯), ଟି. ହରି (୨୮), ପଦ୍ମନ ମାଛ (୨୩)। ମିଳିଥିବା ସୂଚନା ଅନୁଯାୟୀ ଗତ ୨୬ ତାରିଖରେ ନୂଆ ସାହି ପାର୍କ ଲାଇନ୍ ନିକଟରେ ଜାମୁଣ୍ଡାର ଦୈତାରି ହରିଜନଙ୍କ ଠାରୁ ୩ ଜଣ ଦୁର୍ବୃତ୍ତ ୯ ହଜାର ଟଙ୍କା ଲୁଟି ନେଇଥିବା ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ଟାଉନ୍ ପୋଲିସ ଏକ ମାମଲା ରୁଜୁ କରିଥିଲା। ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

## କାର୍ଯ୍ୟରେ ଯୋଗଦେଲେ ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ଆଦେଶ ସଂଖ୍ୟା ୧୭୬୦୪ ତା ୨୫.୧୧.୨୫ ଅନୁଯାୟୀ ନିଯୁକ୍ତି ପାଇଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭଦ୍ରକ ମଧୁସ୍ମିତା ମହାପାତ୍ର ଜିଲ୍ଲାପାଳଙ୍କ ପାଖରେ ଯୋଗଦାନ କରିଛନ୍ତି । ଆସିବା ପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଲ ତାଙ୍କୁ ଜିଲ୍ଲାର ବର୍ତ୍ତମାନର ସ୍ଥିତି ଉପରେ ବୁଝେଇବା ସହିତ ତାଙ୍କର ମୂଳ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ। ସୂଚନା ଯୋଗ୍ୟ ଯେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଭଦ୍ରକ ପଦବୀ ଗତ ୦୧.୦୪.୨୫ ତାରିଖରୁ ଅଦ୍ୟାବଧି ପୂରଣ ହୋଇପାରିନାହିଁ। ଏଇ ସମୟରେ ମଧୁସ୍ମିତାଙ୍କର ଯୋଗଦାନ ନିଶ୍ଚିତ ଭାବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଚଳଚଞ୍ଚଳ କରିବ । ଜିଲ୍ଲାର ଅନେକ ଗୁଡ଼ିଏ ଦାୟିତ୍ୱରେ ଥିବା ଡେପୁଟୀ କଲେକ୍ଟର କାର୍ତ୍ତିକ ମଣ୍ଡଳଙ୍କୁ ନିଶ୍ଚିତ ଭାବରେ ଏହା ଆଶ୍ୱାସନା। ଯୋଗଦାନ କଳାପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଲିସାରାଣୀ ରାଉତ୍, ମିନାକ୍ଷୀ ଗରାବରୁ ଓ ପ୍ରଫୁଲ୍ଲ ଦାସ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଯୋଗଦାନ ପରେ ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ସେ ବଦ୍ଧପରିକର ବୋଲି ପ୍ରକାଶ କରିଥିଲେ।

## ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା ଅନ୍ତର୍ଗତ ଦକ୍ଷତା ବିକାଶ ଏବଂ ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ରୂପେ ଯୋଗଦେବା ସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାର୍ଥୀମାନଙ୍କୁ ଅବଗତ କରିଥିଲେ ଏବଂ ଏହାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସରକାରଙ୍କ ଦ୍ୱାରା ମନୋନୀତ ୯ ଜଣ ପିଆଇଏଙ୍କ ଦ୍ୱାରା ୨୧୦ ଜଣ ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀଙ୍କ କାଉନ୍‌ସେଲିଂ କରାଯାଇଥିଲା। ପ୍ରାର୍ଥୀମାନେ ବିଭିନ୍ନ ଟ୍ରେଡ୍ ଏବଂ ଯୋଜନାରେ ସେମାନଙ୍କ ନାମ ଲେଖାଇବା ସହ କାର୍ଯ୍ୟକ୍ରମକୁ ନେଇ ଉତ୍ସାହିତ ଥିଲେ। ସମ୍ମାନିତ ଅତିଥି ଭାବେ ଓଏସ୍ଏଫଡିସିର ମୁଖ୍ୟ ପରିଚାଳକ ଏବଂ ଏନ୍‌ସି ମହାବିଦ୍ୟାଳୟର ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଜିଲ୍ଲା ନିଯୋଜନ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବତୀଙ୍କ ଅଶ୍ଲୀଳ ଫଟୋ ଭାଇରାଲ୍ କରି ଯୁବକ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଦୁଇ ଜଣ ଯୁବତୀ ତଥା ଦୁଇ ଭଉଣୀଙ୍କ ଅଶ୍ଲୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରି ଅଶ୍ଲୀଳ ମନ୍ତବ୍ୟ ଦେବା ସମ୍ପର୍କରେ ବ୍ରହ୍ମପୁର ସାଇବର ଥାନାରେ ସଂପୃକ୍ତ ଦୁଇ ଭଉଣୀଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରି ପୋଲିସ ବରଗଡ ଥାନା ସିଦ୍ଧପୁର ଗ୍ରାମର ଯୁବକ ସୁରେଶ ନାୟକକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ବିଦ୍ୟାଳୟ ପରିସରରେ ବୁଲୁଥିବା ସାପ ଉଦ୍ଧାର

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସଦରରେ ଥିବା କୁମୁଟିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ବିଦ୍ୟାଳୟ ମଧ୍ୟରେ ଏହି ବିଷକ୍ତ ନାଗ ସାପଟି ଗତ ପ୍ରାୟ ୩ ଦିନ ଧରି ଚଳ ପ୍ରଚଳ କରିବା ସହ ବିଭିନ୍ନ ସ୍ଥାନରେ ବୁଲୁଥିବା ଦେଖି ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ତେବେ ଏହି ସାପକୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଶିକ୍ଷକ ପ୍ରୟାସ କରିଥିଲେ ମଧ୍ୟ ସାପଟିର ସନ୍ଧାନ ପାଇପାରୁ ନଥିଲେ। ତେବେ ଏହି ସାପଟି ବିଦ୍ୟାଳୟ ପରିସରରେ ପୁଣି ବୁଲୁଥିବା ଦେଖି ଏନେଇ ସାପ ଧରାଳି ଶରତ କୁମାର ମାଝିଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଗାଯୋଗ କରିଥିଲେ, ତୁରନ୍ତ ଶରତ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଛନ୍ତି। ଏହି ନାଗ ସାପର ଲମ୍ବ ପ୍ରାୟ ୬ ଫୁଟ ହୋଇଥିବା ବେଳେ ସାପଟିକୁ ସୁରକ୍ଷିତ ଉଦ୍ଧାର କରି ସେ ଜଙ୍ଗଲରେ ଛାଡିଥିଲେ। ଏହାପରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଭୟମୁକ୍ତ ହୋଇଥିଲେ।

## ସମ୍ପତ୍ତି ପାଇଁ ବୃଦ୍ଧ ବାପାଙ୍କୁ ଘରୁ ତଡ଼ି ଦେଲେ ୨ ରୋଜଗାରିଆ ପୁଅ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ବୟସର ଅପରାହ୍ନରେ ବୃଦ୍ଧ ଜଣକ ଅସହାୟ ହୋଇ ଆସବାବପତ୍ର ଧରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦୁଇ ରୋଜଗାରିଆ ପୁଅ ଥାଇ ବି ବାପା ରାସ୍ତାରେ। ସମ୍ପତ୍ତି ପାଇଁ ଭାଇ ଭାଇ ମଧ୍ୟରେ ଅଶାନ୍ତି ଆଉ ବଳିପଡିଲା ୮୧ ବର୍ଷର ବୃଦ୍ଧ। ମାତ୍ର ୩ ଡେସିମିଲ ଜାଗା ପାଇଁ ଥାନା କୋର୍ଟ କଚେରୀ ପରେ ଏବେ ବୟସର ଅପରାହ୍ନରେ ନିଜ ଜନ୍ମଦାତା ବାପାଙ୍କୁ ୨ ପୁଅ ଘରୁ ବାହାର କରିଦେଇଛନ୍ତି। ନିଜ ପୁଅଙ୍କ ନାଁରେ ଏଭଳି ସାଂଘାତିକ ଅଭିଯୋଗ କରିଛନ୍ତି ଜଣେ ଅସହାୟ ବାପା। କୌଣସି ଉପାୟ ନପାଇ ବୃଦ୍ଧ ଜଣକ ଗୁରୁବାର ନିଜର ଆସବାବପତ୍ର ଧରି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଟିକାୟତପୁର ଗାଁରେ ଘଟିଛି। ଗ୍ରାମର ବାବୁଧର ଭୂୟାଁଙ୍କ ସହ ଘଟିଛି ଏଭଳି ଦୁଃଖଦ ଘଟଣା। ବାବୁଧରଙ୍କ ଦୁଇ ଦୁଇଟି ପୁଅ ରହିଥିବା ବେଳେ ସାନ ପୁଅ ଘରେ ରହି ଚାଷ ବାସ କରନ୍ତି। ଆଉ ବଡ଼ ପୁଅ ଗୁଜୁରାଟରେ ଠିକାଦାରୀ କରି ଭଲ ରୋଜଗାର ମଧ୍ୟ କରୁଛନ୍ତି। ହେଲେ ସମ୍ପତି ବାଡ଼ି ଭାଗ ବଣ୍ଟା ସମସ୍ୟାକୁ ନେଇ ପ୍ରଥମେ ବଡ଼ ପୁଅ ଘରୁ ବାହାର କରିଦେଇଥିଲା, ଆଉ ସାନପୁଅ ମଧ୍ୟ ବୁଢା ବାପାଙ୍କୁ ଘରୁ ବାହାର କରିଦେଇଛି। ତେବେ ଅସହାୟ ବୃଦ୍ଧ ଜଣକ ଦୁଃଖ ଯନ୍ତ୍ରଣାରେ ଥିବାବେଳେ ସହାୟତା ନିମନ୍ତେ ଗୁହାରି କରିଛନ୍ତି।



## ଚୋରା ମଦ ଜବତ:୬ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ବାରିପଦା ସଦର ଅବକାରୀ ଥାନା ଟିମ୍ ବାରିପଦା ସଦର ଓ ଭଞ୍ଜପୁର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରିଥିଲେ। ୧୦୧ ଲିଟର ଦେଶୀ, ୪.୫ ଲିଟର ବିଦେଶୀ ଓ ୭.୧୫ ଲିଟର ବିୟର ମଦ ଜବତ କରାଯାଇଛି। ୬ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବିଜୟରାମଚନ୍ଦ୍ରପୁରର ସୁରଜ ମୁଖୀ (୨୯), ଦାମୋଦରପୁରର ସୁମୀ କିସ୍କୁ (୨୫), ଜାମବଣିର ତୁଷାର ସିଂ (୨୬), ଦେବମଣି ସିଂ (୩୭), ରାଇକଡ଼ଝରଣର ପଲଟନ ସୋରେନ (୩୨) ଓ ଭୁଗୁଡାକଟାର ରଜନୀ ସିଂ (୪୦)। ଉକ୍ତ ଚଢ଼ଉରେ ସଦର ଅବକାରୀ ଥାନା ଇନ୍ସପେକ୍ଟର ସ୍ୱପ୍ନାରାଣି ସାହୁ, ଜଗନ୍ନାଥ ବେହେରା, ପ୍ରକାଶ କୁମାର ସାହୁ, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ବିଶ୍ୱାଳ, ଦେବରାଜ ସାହୁ, ସବିତା ମହାନ୍ତ, ପ୍ରଭାତୀ ମଲ୍ଲ ପ୍ରଭୃତି ସାମିଲ ଥିଲେ। ଏନେଇ ବାରିପଦା ସଦର ଅବକାରୀ ଥାନାରେ ମାମଲା ରୁଜୁ କରାଯାଇଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୦।୧୧।୨୦୨୫, ମାର୍ଗଶିର ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୦୪।୨୦** **ଚନ୍ଦ୍ରୋଦୟ- ଦିଘ୧।୧୬।୧୩**

**ଦଶମୀ-** ରାଘ୯।୩୦ପର୍ଯ୍ୟନ୍ତ । **ଉତ୍ତରାଭାଦ୍ର ନକ୍ଷତ୍ର-** ରାଘ ୧।୦୯ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୯।୩୦ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୨ ଗତେ ଘ ୯।୦୨ ମଧ୍ୟେ । ଦିଘ ୧୨।୫୭ ଗତେ ଘ ୨।୫୨ ମଧ୍ୟେ ।



**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ। ହେଲେ କ୍ଷତିରେ ପଡ଼ିବେନାହିଁ। ଦେହ ଭଲ ରହିବ ନାହିଁ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ।



**ବୃଷ:** କର୍ମକ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେବ। ଯାନବାହାନ କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ। ପ୍ରବାସୀ ଜୀବନ ଅତିବାହିତ କରିବେ। ଆୟର ପରିମାଣ ବଢ଼ିବ। ପରିବାରରେ ଶାନ୍ତି ଲାଭ।



**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରେ ଲାଭ ମିଳିବ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଆଶ୍ୱସ୍ତି ଲାଭ। ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବେ।



**କର୍କଟ:** ଅତୀତର ଘଟଣାକୁ ନେଇ ମନ ଉଦାସ ରହିବ। ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ। ରୋଜଗାରର ପରିମାଣ ବଢ଼ିବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା।



**ସିଂହ:** ଆପଣ ଯଶସ୍ୱୀ ହେବେ। ଅଟକି ରହିଥିବା କାମଟି ପୂରଣ ହେବ। ଯାତ୍ରାରେ ସଫଳତା ମିଳିବ। ମହିଳାମାନେ ଅସୁସ୍ଥ ଅନୁଭବ କରିବେ। ଗୃହେ ସୁଖ ଶାନ୍ତି ଲାଭ କରିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।



**କନ୍ୟା:** ଆଧ୍ୟାତ୍ମିକ ଦିଗରେ ମନ ବଳିବ। ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ। କୌଣସି ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ।



**ତୁଳା:** ପରୋପକାରୀ ହେବେ। ସମସ୍ତଙ୍କ ପ୍ରିୟପାତ୍ର ହେବେ। ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ। ରୋଜଗାର ମଧ୍ୟମ ଧରଣର ହେବ। ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ। ଶରୀର ସୁସ୍ଥ ରହିବ।



**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ। ବନ୍ଧୁମାନେ ସହଯୋଗ କରିବେ। ଭ୍ରମଣ ସୁଖ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହରେ ଶାନ୍ତି ଲାଭ।



**ଧନୁ:** ଯାନବାହାନ କ୍ରୟ କରିବେ। କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ। ରୋଜଗାର ସ୍ଥିର ରହିବ। ଗୃହେ ଶାନ୍ତି ବଜାୟ ରହିବ।



**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ଶତ୍ରୁମାନେ ପରାଜିତ ହେବେ। ଆୟ ବୃଦ୍ଧି ଘଟିବ। ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ। ଚଞ୍ଚଳମନା ହେବେ। ପରିବାରରେ କଳହ। ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ତ୍ୟାଗଶୀଳ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ପରିବାରରୁ ସାହାଯ୍ୟ ସହଯୋଗ ମିଳିବ। ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧।୧୨।୨୦୨୫, ମାର୍ଗଶିର ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୦୪।୫୮** **ଚନ୍ଦ୍ରୋଦୟ- ଦିଘ୧।୫୫।୧୬**

**ଏକାଦଶୀ-** ସଂଘ୭।୦୧ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ରାଘ ୧୧।୧୭ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। ରାଘ ୧୧।୧୭ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। ରାଘ ୧୧।୧୭ ଗତେ ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ସଂଘ ୭।୦୧ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୯ ଗତେ ଘ ୭।୩୦ ମଧ୍ୟେ । ଦିଘ ୯।୦୪ ଗତେ ଘ ୧୧।୧୪ ମଧ୍ୟେ । **ପର୍ବୋତ୍ସବ-** ଗୋମତୀ ବା ମୋକ୍ଷଦା ଏକାଦଶୀ, ବିଶ୍ୱ ଏଡ଼ସ୍ ଦିବସ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତର ୬୧% ଅଞ୍ଚଳ ଭୂକମ୍ପପ୍ରବଣ

ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଦ୍ୱାରା ଜାରି କରାଯାଇଥିବା ସଂଶୋଧିତ ଭୂକମ୍ପଡିଜାଇନ୍ କୋଡ୍ ଅନୁଯାୟୀ ଭାରତ ଏକ ନୂତନ ଭୂକମ୍ପ ମାନଚିତ୍ର ପ୍ରକାଶ କରିଛି । ଏଥିରେ ସମଗ୍ର ହିମାଳୟ ଅଞ୍ଚଳକୁ ଏକ ନୂତନ ସୃଷ୍ଟି ହୋଇଥିବା ସବୁଠାରୁ ବିପଜ୍ଜନକ ଷଷ୍ଠ ଜୋନ୍ ଶ୍ରେଣୀରେ ରଖାଯାଇଛି । ନୂତନ ଭୂକମ୍ପ ମାନଚିତ୍ର ଅନୁଯାୟୀ ଦେଶର ୬୧% ଅଞ୍ଚଳ ବର୍ତ୍ତମାନ ମଧ୍ୟମରୁ ଉଚ୍ଚ ଭୂକମ୍ପପ୍ରବଣ ଅଞ୍ଚଳରେ ବର୍ଗୀକୃତ ହୋଇଛି । ଜନସଂଖ୍ୟା ଦୃଷ୍ଟିରୁ ଦେଖିଲେ ଭାରତର ୭୫ ପ୍ରତିଶତ ଲୋକ ଭୂକମ୍ପପ୍ରବଣ ଅଞ୍ଚଳରେ ବାସ କରୁଛନ୍ତି । ଭାରତ ଦୀର୍ଘ ଦଶନ୍ଧି ପରେ ନିଜର ସବୁଠୁ ବଡ଼ ଭୂକମ୍ପ ବିପଦ ମାନଚିତ୍ର (ସେସ୍‌ମିକ ଜୋନେସନ୍ ମ୍ୟାପ୍)କୁ ବଦଳାଇଛି । ନୂଆ ମାନଚିତ୍ର ସମଗ୍ର ହିମାଳୟ କ୍ଷେତ୍ରକୁ ପ୍ରଥମ ଥର ସର୍ବୋଚ୍ଚ ବିପଦପୂର୍ଣ୍ଣ ଜୋନ୍ 'ଭିଆଇ'ରେ ଶ୍ରେଣୀଭୁକ୍ତ କରିଛି । ଏହା ଅନୁସାରେ, ଦେଶର ୬୧ ପ୍ରତିଶତ କ୍ଷେତ୍ର ମଧ୍ୟମରୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଜୋନ୍‌କୁ ଆସିଛି ।

ପୃଥିବୀର ସବୁଠୁ ତୀବ୍ର ଧକ୍କା ହେଉଥିବା ଦୁଇଟି ଟେକ୍ଟୋନିକ୍ ପ୍ଲେଟ୍ ମଧ୍ୟରେ ହିମାଳୟ ଦଣ୍ଡାୟମାନ । ଭାରତୀୟ ପ୍ଲେଟ୍ ପ୍ରତି ବର୍ଷ ୫ ସେମି ଉତ୍ତର ଦିଗକୁ ଠେଲି ହେଉଛି । ଏହା ଦ୍ୱାରା ଭୂମି ତଳେ ଖୁବ୍ ଚାପ ସୃଷ୍ଟି ହେଉଛି । ଏହି ଚାପ ହଠାତ୍ ବଢ଼ିବାରୁ ଭୂକମ୍ପ ଆସେ । ହିମାଳୟ ତଳେ ୩ ବଡ଼ ଫାଟ–ମେନ୍ ଫ୍ରଣ୍ଟାଲ୍ ଥ୍ରଷ୍ଟ, ମେନ୍ ବାଉଣ୍ଡ୍ରି ଥ୍ରଷ୍ଟ ଓ ମେନ୍ ସେଣ୍ଟ୍ରାଲ ଥ୍ରଷ୍ଟ ରହିଛି । ଏଗୁଡ଼ିକ କେତେବେଳେ ବି ଫାଟିପାରେ । ଖାସ୍ କଥା ହେଉଛି ମଧ୍ୟ ହିମାଳୟରେ ବିଗତ ୨୦୦ ବର୍ଷରୁ କୌଣସି ବଡ଼ ଭୂକମ୍ପ ଆସିନାହିଁ– ଅର୍ଥାତ୍ ସେଠାରେ ଖୁବ୍ ଚାପ ସଂଗଠିତ ହୋଇ ରହିଛି । ନୂଆ ମାନଚିତ୍ର ଅନୁସାରେ, ସମଗ୍ର ହିମାଳୟ ଏବେ ଭିଆଇ ଜୋନ୍‌ରେ ଅଛି । ଡେହରାଡୁନ ଭଳି ସହର ଏବେ ଅଧିକ ବିପଦରେ ଅଛି । ପୂର୍ବ ଜୋନ୍‌ର ସୀମାରେ ନିର୍ମିତ ସହର ଏବେ ଉଚ୍ଚ ବିପଦପୂର୍ଣ୍ଣ ଜୋନ୍ ରୂପେ ପରିଗଣିତ ହେବେ । ନରମ ମାଟି କିମ୍ବା ସକ୍ରିୟ ଫାଟ ଉପରେ ନୂଆ ବସତି ନିର୍ମାଣ ଉପରେ ରୋକ ଲଗାଇବା ଏବଂ ପୁରୁଣା ଅଟ୍ଟାଳିକାଗୁଡ଼ିକୁ ମଜଭୁତ କରିବା ଏବେ ଅତ୍ୟନ୍ତ ଜରୁରୀ ହୋଇଛି । ଏବେ ଉତ୍ତରାଖଣ୍ଡ, ହିମାଳୟ, ଜମ୍ମୁ-କାଶ୍ମୀର, ସିକ୍କିମ, ଅରୁଣାଚଳ ପ୍ରଦେଶ ଓ ପୂର୍ବୋତ୍ତରରେ ସମସ୍ତ ପାହାଡ଼ିଆ ଅଞ୍ଚଳ ସବୁଠୁ ଅଧିକ ବିପଦପୂର୍ଣ୍ଣ ଜୋନ୍‌ରେ ଅଛନ୍ତି । ଦିଲ୍ଲୀ-ଏନ୍‌ସିଆର୍, ଗୁଜରାଟ (କଚ୍ଛ), ବିହାର-ନେପାଳ ସୀମା ମଧ୍ୟ ଉଚ୍ଚ ବିପଦପୂର୍ଣ୍ଣ ଜୋନ୍‌ରେ ଅଛି । କେବଳ ଦକ୍ଷିଣ ଭାରତର କିଛି ଅଂଶ କମ୍ ବିପଦରେ ଅଛି । ବୈଜ୍ଞାନିକଙ୍କ ଅନୁସାରେ, ଏହି ମାନଚିତ୍ର ଆମକୁ ଚେତାବନୀ ଦେଉଛି ଯେ କୌଣସି ମୁହୂର୍ତ୍ତରେ ବଡ଼ ଭୂକମ୍ପ ଆସିପାରେ । ଏବେଠୁ କାର୍ଯ୍ୟାନୁଷ୍ଠାନ ନେଲେ ଧନ-ଜୀବନ ରକ୍ଷା ହୋଇପାରିବ ।

# ବିଶ୍ୱ ଏଡ୍‌ସ ଦିବସ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ–୮୮୯୫୧୯୦୪୭୫

ପ୍ରତିବର୍ଷ ଡିସେମ୍ବର ମାସ ୧ ତାରିଖ ଦିନକୁ ବିଶ୍ୱ ଏଡ୍‌ସ ଦିବସ ରୂପେ ପାଳନ କରାଯାଏ । ବିଶ୍ୱର ବିଭିନ୍ନ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଶିକ୍ଷାନୁଷ୍ଠାନ ପ୍ରଭୃତି ଏହି ଦିବସ ପାଳନ କରୁଛନ୍ତି । ଏଚଆଇଭି ଏଡ୍‌ସ ଏକ ମାରାତ୍ମକ ରୋଗ । ଏହି ରୋଗର ସଠିକ୍ ଔଷଧ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରସ୍ତୁତ କରାଯାଇନାହିଁ। ତେଣୁ ଏଡ୍‌ସ ରୋଗର ନିୟନ୍ତ୍ରଣ ନିମନ୍ତେ ସଚେତନ, ସଜାଗ ଓ ସତର୍କ ରହିବା ଏକାନ୍ତ ଅପରିହାର୍ଯ୍ୟ । ତେଣୁ ଜନସାଧାରଣଙ୍କ ମନରେ ଏହି ରୋଗ ସମ୍ବନ୍ଧରେ ଏକ ସଚେତନତାର ବାର୍ତ୍ତା ପହଞ୍ଚାଇବାପାଇଁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଇ ଆସୁଅଛି। ଏଡ୍‌ସ ରୋଗର କାରଣ, ନିରାକରଣ ଏବଂ ଏଥିପ୍ରତି ସଚେତନ ରହିବା ନିମନ୍ତେ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୁଏ ଯଥା-ପଥ ପ୍ରାନ୍ତ ନାଟକ, ଶୋଭାଯାତ୍ରା ଓ ଆଲୋଚନାଚକ୍ର। ବର୍ତ୍ତମାନ ବିଶ୍ୱର ଘାତକ ମହାମାରୀ ରୂପେ ଏଡ୍‌ସ ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଏହି ଭୟାବହ ରୋଗର ମୁଖ୍ୟ କାରଣ ଅସଂଯତ ଓ ଅସୁରକ୍ଷିତ ଯୌନ ସଂପର୍କ। ଅନ୍ୟତମ କାରଣ ଡ୍ରଗ୍ସ ଭଳି ବିଭିନ୍ନ ମାରାତ୍ମକ ନିଶା ସେବନ ଦ୍ୱାରା ଏଡ୍‌ସ ସଂକ୍ରମିତ ହୋଇଥାଏ। ଅସୁରକ୍ଷିତ ଯୌନ ସଂପର୍କ ବ୍ୟତୀତ ଅନେକ ମାଧ୍ୟମରେ ଏଚଆଇଭି ଜଣେ ବ୍ୟକ୍ତିଠାରୁ ଅନ୍ୟକୁ ସଂକ୍ରମିତ ହୋଇଥାଏ । ସଂକ୍ରମିତ ରକ୍ତ ନେବା, ଇଞ୍ଜେକ୍ସନ ନେବାବେଳେ ସଂକ୍ରମିତ ଛୁଞ୍ଚିର ବ୍ୟବହାର, ଖିଅର ହେବାବେଳେ ସଂକ୍ରମିତ ବ୍ଲେଡର ବ୍ୟବହାର, ସଂକ୍ରମିତ ମହିଳାଙ୍କଠାରୁ ସ୍ତନ୍ୟପାନ କରୁଥିବା ଶିଶୁମାନଙ୍କୁ ଏଚଆଇଭି ସଂକ୍ରମିତ ହୋଇଥାଏ। ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନସି ସିଣ୍ଡ୍ରୋମ (ଏଡ୍‌ସ)ବା ଅର୍ଜିତ ରୋଗ ପ୍ରତିରୋଧକ ଶକ୍ତି ହ୍ରାସକାରୀ ଲକ୍ଷଣ ସମୂହ । ଏଡ୍‌ସ ରୋଗ ଏଚଆଇଭି (ହ୍ୟୁମାନ ଇମ୍ୟୁନୋ ଡେଫିସିଏନସି ଭାଇରସ୍)ଦ୍ୱାରା ସଂକ୍ରମିତ ହୋଇଥାଏ। ଏଡ୍‌ସରେ ଆକ୍ରାନ୍ତ ଲୋକର ରୋଗ ପ୍ରତିରୋଧକ ଶକ୍ତି ଧୀରେ ଧୀରେ ହ୍ରାସ ପାଇଥାଏ । ଏଡ୍‌ସ ରୋଗରେ ପୀଡିତ ବ୍ୟକ୍ତିକୁ ଛୁଇଁବା, ଆଲିଙ୍ଗନ କରିବା, ତାର କପଡା ବ୍ୟବହାର କରିବା କିମ୍ବା ଏକାଠି ଗାଧେଇବା, ଖାଇବାରେ ରୋଗ ସଂକ୍ରମିତ ହୋଇ ନ ଥାଏ। ଏଚଆଇଭି ପ୍ରଥମେ ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜୀବଜନ୍ତୁଙ୍କ ଠାରେ ଦେଖା ଦେଇଥିଲା । ସିମ୍ପାଜି ଠାରୁ ଏହି ଭୁତାଣୁ ମଣିଷ ଶରୀରକୁ ଆସିଥିଲା। ୧୯୮୧ ମସିହାରେ ପ୍ରଥମେ ଏଡ୍‌ସ ରୋଗର ଚିହ୍ନଟ କରାଯାଇଥିଲା। ଯାହା ସମଲିଙ୍ଗିଙ୍କ ଠାରେ ଦେଖାଯାଇଥିଲା । ସେଥିପାଇଁ ସେ ସମୟରେ ଏହାକୁ ଗ୍ରିଡ୍ ନାମ ଦିଆଯାଇଥିଲା। ଏହାର ଭୁତାଣୁ ଅନ୍ୟମାନଙ୍କଠାରୁ ମିଳିବାପରେ ୧୯୮୨ରେ ଏହାର ନାମ ଏଡ୍‌ସ ରଖାଗଲା । ଗତ ଦୁଇ ଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇ ଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାର ନିୟନ୍ତ୍ରଣ କରାଯାଇପାରିଛି । ଏଡ୍‌ସର ଭୟ ଦୂର କରିବା ନିମନ୍ତେ ମିଳିତ ଜାତିସଂଘ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏ ଦିଗରେ ନିରବଛିନ୍ନ ପ୍ରୟାସ ଜାରି ରଖିଛି। ୧୯୮୬ମସିହାରେ ପ୍ରଥମେ ଏହି ରୋଗ ଭାରତରେ ଚିହ୍ନଟ ହୋଇଥିଲା । ଚେନ୍ନାଇର ଜଣେ ଯୌନକର୍ମୀଙ୍କ ଠାରୁ ଏଚଆଇଭି ନମୁନା ମିଳିଥିଲା । ୧୯୮୭ମସିହାରୁ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ଜାତୀୟ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ । ୧୯୯୨ମସିହାରେ ପ୍ରତିଷ୍ଠା କରାଗଲା ନ୍ୟାସନାଲ ଏଡ୍‌ସ କଣ୍ଟ୍ରୋଲ ଅର୍ଗାନାଇଜସନ ବା ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା, ଅନୁରୂପ ଭାବରେ ଓଡିଶାରେ ଏଡ୍‌ସ ପ୍ରାଦୁର୍ଭାବକୁ ହ୍ରାସ କରିବା ନିମନ୍ତେ ରାଜ୍ୟ ସରକାର ଓଡିଶା ଷ୍ଟେଟ୍ ଏଡ୍‌ସ କଣ୍ଟ୍ରୋଲ ଅର୍ଗାନାଇଜସନ୍ ନିୟନ୍ତ୍ରଣ ସଂଗଠନ(ଓସାକୋ)ବା ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ, ଥୋମାସ ନେଟ୍ଟେର ଏବଂ ଜେମେସ୍ ଡବ୍ଲୁ ବୁନ୍ ଉଭୟ ଜେନେଭା ଓ ସ୍ୱିଜରଲ୍ୟାଣ୍ଡ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡ୍‌ସ ବିଶ୍ୱ କାର୍ଯ୍ୟକ୍ରମ ପାଇଁ ଲୋକ ସଂପର୍କ ଅଧିକାରୀ ଥିଲେ । ଉଭୟ ୧୯୮୭ମସିହା ଅଗଷ୍ଟ ମାସରେ ବିଶ୍ୱ ଏଡ୍‌ସ ଦିବସ ବିଷୟ କଳ୍ପନା କରିଥିଲେ। ସେମାନେ ନିଜର ଭାବନାକୁ ବିଶ୍ୱଏଡ୍‌ସ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଜୋନାଥନମନ୍‌ଙ୍କୁ ଜଣାଇଥିଲେ। ସେ ଏହାକୁ ସ୍ୱୀକୃତି ଦେଇ ବିଶ୍ୱ ଏଡ୍‌ସ ଦିବସ ପାଳନ କରିବାକୁ ସୁପାରିଶ କରିଥିଲେ । ୧୯୮୮ଡିସେମ୍ବର୧ତାରିଖରୁ ଏହି ଦିବସ ବିଶ୍ୱବ୍ୟାପି ପାଳନ ହୋଇଆସୁଅଛି । ୨୦୦୭ମସିହା ପରଠାରୁ ବିଶ୍ୱଏଡ୍‌ସ ଦିବସକୁ ରେଡ୍ ରିବନ ସଂକେତ ଦ୍ୱାରା ପ୍ରଦର୍ଶନ କରାଯାଉଅଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୯୬ମସିହାରେ ଏଡ୍‌ସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଗଲା । ପ୍ରଥମ ଦୁଇ ବର୍ଷ କେବଳ ଶିଶୁ ଓ ଯୁବକମାନଙ୍କୁ ଏଡ୍‌ସରୁ ରକ୍ଷା କରିବା ପାଇଁ ପ୍ରାଧାନ୍ୟ ଦିଆଗଲା। କିନ୍ତୁ ପରବର୍ତ୍ତୀ ସମୟରେ ସବୁ ବୟସର ବ୍ୟକ୍ତିମାନଙ୍କୁ ଏଡ୍‌ସରୁ ରକ୍ଷା କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ କରାଗଲା। ଏଚଆଇଭି ସଂକ୍ରମିତ ସଂଖ୍ୟା ଦୃଷ୍ଟିରୁ୧୩.୩୩% ସହ ଦକ୍ଷିଣ ଆଫ୍ରିକା ବିଶ୍ୱରେ ପ୍ରଥମ ୭.୬୪% ମୋଜାମ୍ବିକ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ୦.୧୬% ସହ ତୃତୀୟ ସ୍ଥାନ ରହିଥିବା ଜଣାଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ବିଶ୍ୱରେ ୪କୋଟିରୁ ଅଧିକ ଏଡ୍‌ସ ରୋଗରେ ପୀଡିତ ବ୍ୟକ୍ତି ଅଛନ୍ତି । ସେଥିମଧ୍ୟରୁ ୨୧ଲକ୍ଷରୁ ଅଧିକ ଯୁବକମାନେ ଅଛନ୍ତି। ଆସନ୍ତା ୨୦୩୦ସୁଦ୍ଧା ଓଡିଶାକୁ ଏଡ୍‌ସ ମୁକ୍ତ କରିବା ନିମନ୍ତେ ଓସାକୋ ଲକ୍ଷ୍ୟ ରଖିଛି । ଏଡ୍‌ସ ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ନାଗାଲ୍ୟାଣ୍ଡ ପ୍ରଥମ। ସର୍ବନିମ୍ନରେ ଅଛି କେରଳ । ସର୍ବଭାରତୀୟ ସ୍ତରରେ ଓଡିଶାର ସ୍ଥାନ୧୪ । ସର୍ବାଧିକ ଏଡ୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ଅଛନ୍ତି । ଏହାପରେ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି । ଏକ ରିପୋର୍ଟ ଅନୁଯାୟୀ ଆମ ରାଜ୍ୟରେ ଏଚଆଇଭି ସଂକ୍ରମିତ ବ୍ୟକ୍ତିମାନଙ୍କ ମଧ୍ୟରେ ୨୫ରୁ୪୯ବର୍ଷର ବ୍ୟକ୍ତିମାନେ ସର୍ବାଧିକ ରହିଛନ୍ତି । ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଓଡିଶାରେ ଏଚଆଇଭି ଆକ୍ରାନ୍ତ ୦.୧୪% ବୋଲି ସରକାରୀ ତଥ୍ୟରୁ ଜଣାଯାଇଅଛି । ଏହା ଜାତୀୟ ହାର ତୁଳନାରେ ହାରାହାରି ୦.୨୧% କମ୍ । ଓଡିଶାର ଏଡ୍‌ସ ସଂକ୍ରମିତ ରୋଗୀସଂଖ୍ୟା ପ୍ରତି ଏକ ଲକ୍ଷରେ ୦.୫୨% ବୋଲି ଜଣାଯାଇଅଛି । ୨୦୨୪ ଅକ୍ଟୋବର ମାସ ସୁଦ୍ଧା ଓଡିଶାରେ ୬୩,୪୩୭ ଜଣ ରୋଗୀ ରହିଥିବାବେଳେ ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାରେ କେବଳ ୧୮,୪୮୪ ରୋଗୀ ଅଛନ୍ତି । ଏଡ୍‌ସରୁ ରକ୍ଷା ପାଇବାର ଏକମାତ୍ର ଉପାୟ ସଚେତନତା ଅବଲମ୍ବନ କରିବା । ଆନ୍ତର୍ଜାତୀୟ ସ୍ତରରେ ୬୮% ଲୋକଙ୍କୁ ବାସ୍ତବରେ ଏଡ୍‌ସର ଲକ୍ଷଣ ଚିକିତ୍ସା ସମ୍ବନ୍ଧରେ ଜ୍ଞାନ ନାହିଁ । ୧୯୯୮ମସିହାରୁ ପ୍ରତିବର୍ଷ ମେ୧୮ ତାରିଖକୁ ୱାର୍ଲଡ ଏଡ୍‌ସ ଭ୍ୟାକ୍ସିନ ଡେ ଭାବେ ପାଳନ କରାଯାଉଅଛି । ଏଚଆଇଭି ଭୂତାଣୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଇଥାଏ । ଏହି ରୋଗ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ଜଣେ ବ୍ୟକ୍ତି ଏଡ୍‌ସ ରୋଗରେ ଆକ୍ରାନ୍ତ ହେଲେ ସମାଜ ତା ପ୍ରତି ଭେଦଭାବ କରିଥାଏ । ଯାହା ଆଦୌ ଉଚିତ୍ ନୁହେଁ । ତାକୁ ଘୃଣା ଦୃଷ୍ଟିରେ ଦେଖିବା ସହ ସାମାଜିକ ବାସନ୍ଦ କରାଯାଇଥାଏ। ଏଭଳି ମାନସିକତା ମନରୁ ପରିହାର କରି ଏଡ୍‌ସ ରୋଗୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଭଲପାଇବା ଦେଲେ ସେମାନଙ୍କର ସାହସ ଓ ମନୋବଳ ବୃଦ୍ଧି ପାଇବ। କିଛି ବ୍ୟକ୍ତି ବିଶେଷ ଭୟ, ଲାଜ ଓ ଅପମାନ ପାଇଁ ଉପଯୁକ୍ତ ଚିକିତ୍ସା ସୁଯୋଗ ନେଇନଥାନ୍ତି । ଭୟାବହ ଏଡ୍‌ସ କବଳରୁ ରକ୍ଷା ପାଇବା ପାଇଁ ହେଲେ ସମାଜକୁ ଦୃଢ ମନୋବଳ, ସଚେତନ ଓ ସାହସର ବାର୍ତ୍ତା ଦେବାକୁ ପଡିବ । ସରକାର, ସ୍ୱାସ୍ଥ୍ୟବିଭାଗ,ଏଡ୍‌ସ ସେଲ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସଚେତନ ନାଗରିକମାନଙ୍କର ମିଳିତ ସହଯୋଗ ଓ ସମନ୍ୱୟ ମାଧ୍ୟମରେ ଏଡ୍‌ସ ରୋଗ ଦୂର କରାଯାଇପାରିବ ଏହା ସୁନିଶ୍ଚିତ । ଏଥିପାଇଁ ସମସ୍ତଙ୍କର ଆନ୍ତରିକ ଉଦ୍ୟମର ଆବଶ୍ୟକତା ଏ ସମାଜ ପାଇଁ ରହିଛି। ବିଶ୍ୱ ଏଡ୍‌ସ ଦିବସରେ ସଂକଳ୍ପବଦ୍ଧ ହୋଇ ଏଡ୍‌ସକୁ ଦୂର କରିବା ସହିତ ଏକ ସୁନ୍ଦର, ସୁସ୍ଥ ଓ ସାବଲୀଳ ବିଶ୍ୱସମାଜ ଗଠନ କରିବା।

# ମାତୃଭାଷାର ମହତ୍ତ୍ୱ

ପ୍ରତିଭା ଦାଶ
ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
୭୮୯୪୫୨୮୪୯୩

ମାତୃଭାଷା କହିଲେ ନିଶ୍ଚିତ ଭାବରେ ଆମେ ଓଡ଼ିଆକୁ ବୁଝୁ । ଓଡ଼ିଶା ସାରା ଓଡ଼ିଆ ହିଁ ପ୍ରଚଳିତ । ମାତ୍ର ତା' ମଧ୍ୟରେ ବି ଆଞ୍ଚଳିକ ଭାଷା ଅଛି । ଓଡ଼ିଆ ଏବଂ ଆଞ୍ଚଳିକ ଭାଷା ମଧ୍ୟରେ କିଛିଟା ପାର୍ଥକ୍ୟ ଥିଲେ ମଧ୍ୟ ସାମଞ୍ଜସ୍ୟ ରହିଛି । ଯେତେବେଳେ ଶିଶୁଟି ଜନ୍ମ ହୁଏ, ସେ ସେହି ପରିବାର ବା ସମାଜରେ ଯେଉଁ ଭାଷା ବ୍ୟବହାର କରନ୍ତି ତାକୁ ହିଁ ଶିଖେ ଓ ନିତି ଦିନରେ ବ୍ୟବହାର କରେ । ଆଉ ଏଇ ଭାଷା ହିଁ ତାହାକୁ ଅନ୍ୟ ଲୋକଙ୍କ କଥା ବୁଝିବାରେ ସହାୟକ ହୋଇଥାଏ । ନିଜକୁ ପ୍ରକାଶ କରିବାକୁ ମାତୃଭାଷା ନିତାନ୍ତ ଜରୁରୀ ଅଟେ ।

ଆମ ଦେଶକୁ ଯେଉଁମାନେ ଶାସନ କରୁଥିଲେ, ତାଙ୍କ ଭାଷାର ମଞ୍ଜି ଏଠି ବୁଣି ଯାଇଛନ୍ତି । ତା' ଦ୍ୱାରା ଆମ ମାତୃଭାଷାର ଅବନତି ଘଟିଲା । ତେଣୁ ଆମ ଭାଷାକୁ ଉଦ୍ଧାର କରିବା ପାଇଁ ଆମ ପୂର୍ବଜ ମହାପୁରୁଷମାନେ ପ୍ରାଣପଣେ ଚେଷ୍ଟା କରିଥିଲେ । ନିଜ ଭାଷାରେ ଲେଖା ବହିକୁ ଯେତେ ସହଜରେ ପଢ଼ିକି ବୁଝି ହୁଏ , ଅନ୍ୟ ଭାଷାରେ ସମ୍ଭବପର ନୁହଁ ।

ହେଲେ ଆଜି ଇଂରାଜୀ ଭାଷାର ବହୁଳତା ବେଶୀ । ନିଜ ନିଜ ଛୁଆଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ପଢ଼ାଇବା ପାଇଁ ପ୍ରତିଯୋଗିତା ଚାଲିଛି । ବେଳେ ବେଳେ ଲୋକେ ପ୍ରଶ୍ନ କରନ୍ତି, 'ତୁମର ପୁଅ କେଉଁଠି ପଢୁଛି ?' ଉତ୍ତରରେ ଯଦି ସରକାରୀ ବିଦ୍ୟାଳୟ କିମ୍ବା ଶିଶୁ ମନ୍ଦିର ନାମ ଆସିଲା, ତାହା ହେଲେ ସେମାନଙ୍କ ମୁହଁର ଅଙ୍ଗଭଙ୍ଗୀରୁ ଜଣାପଡି ଯାଏ ଯେ ସେହି ଉତ୍ତରରେ ସେମାନେ ଖୁସି ନୁହଁନ୍ତି । କିଏ କିଏ ପୁଣି ପଚାରନ୍ତି,'ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ କାହିଁକି ପଢ଼େଇଲନି ?' ସେମାନଙ୍କ ମତରେ ଇଂରାଜୀରେ ପଢ଼ିଲେ ଯାଇ ପିଲାମାନେ ମଣିଷ ହେବେ । ଇଂରାଜୀକୁ ଏତେ ମାନ୍ୟତା ଦିଆଯାଉଛି କାହିଁକି ? ଗୋଟିଏ ବିଦେଶୀ ଭାଷାକୁ ଏତେ ଅଗ୍ରାଧିକାର କାହିଁକି ? ନିଜ ମାତୃଭାଷା କାହିଁକି ନୁହେଁ ? ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଚାହିଁଲେ ଏସବୁ ବଦଳି ପାରିବ ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତା ଆଜି ମଧ୍ୟ ସମସ୍ତ ଓଡ଼ିଆ ସାହିତ୍ୟ ପ୍ରେମୀଙ୍କ ମନ, ପ୍ରାଣ, ହୃଦୟକୁ ସ୍ପର୍ଶ କରେ ।

ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।

ଯିଏ ନିଜ ମାତୃଭାଷାରେ ଅଜ୍ଞ ତାହାକୁ ଜ୍ଞାନୀ କହିବାଟା ବଡ଼ ମୂର୍ଖାମୀ । ଯେ ନିଜ ମାଟି ମା', ନିଜ ଭାଷାକୁ ଭୁଲିଗଲା ସେ ମାଟି ମା'ର ନିଜର ସନ୍ତାନ ହୋଇପାରିବ ନାହିଁ । ଆଉ ମଧ୍ୟ କହିଛନ୍ତି –

' ଉଚ୍ଚ ହେବା ପାଇଁ କର ଯେବେ
ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।''

ଉଚ୍ଚ ହେବା ପାଇଁ ହେଲେ ସାଥିରେ ମାତୃଭାଷାକୁ ନେବାକୁ ପଡ଼ିବ । ତା'ପରେ ଯାଇ ଏଇ ମାଟିର ସୁଯୋଗ୍ୟ ସନ୍ତାନ ହୋଇ ପାରିବ ।

ମାତ୍ର ଆଜିର ପରିସ୍ଥିତି ଦେଖି ନିଜକୁ ହୀନ ମଣିବା ଛଡ଼ା କିଛି ରାସ୍ତା ନାହିଁ । ସେ କାହା ପାଇଁ ଲେଖିଥିଲେ ଆମ ମାତୃଭାଷାର ସ୍ୱାଭିମାନ ଓ ଆମ ଓଡ଼ିଶାର ଗର୍ବ କଥା ? ଆମେ ତ ଟିକିଏ ମଧ୍ୟ ପାଳନ କରିପାରୁ ନାହୁଁ । ସମସ୍ତେ ବିଦେଶୀ ଭାଷା ଶିଖିବା ଓ କହିବାରେ ବ୍ୟସ୍ତ । ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର , କୁଳବୃଦ୍ଧ ମଧୁସୂଦନ ଦାସ ଆଦି ଜାତୀୟତାବାଦୀଙ୍କ ହୃଦୟ ଯେଉଁ ଉତ୍କଳ ମାଟି ଓ ଭାଷା ପାଇଁ କାନ୍ଦି ଉଠିଥିଲା, ଆମର କାହିଁକି ସେପରି ଭାବନା ଜାଗ୍ରତ ହେଉନି ! ସେମାନେ ନିଜ ମାଟି ପାଇଁ ଯାହା କରି ଯାଇଛନ୍ତି ତାହା ପ୍ରଶଂସନୀୟ । ଆମେ ଯଦି ଜାଗ୍ରତ ହେବା ନିଶ୍ଚିତ ଭାବରେ ଆମେ ଆମ ଭାଷାକୁ ଉଚ୍ଚତମ ସ୍ତରକୁ ନେଇ ପାରିବା ।

# ଏସିଆର ଉଇହୁଙ୍କାରେ ଓଁକାର



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ଏସିଆ ଏକ ଭାବଭୂମି, ମହର୍ଷିର ମହାଦେଶ । ଏହାର ପ୍ରାଚୀନତମ ପ୍ରବାହରେ ଅଛି ମହାମାନବିକ ମୂଲ୍ୟବୋଧର ମାନବଧର୍ମ । ଏହି ମାନବଧର୍ମର ମୂଳମନ୍ତ୍ର ହେଲା - ଧନ ନୁହେଁ, ଧ୍ୟାନ... ତନ୍ତ୍ର ନୁହେଁ, ମନ୍ତ୍ର... ସ୍ୱତ୍ୱ ନୁହେଁ, ସତ୍ୟ... ସଂହାର ନୁହେଁ, ସଂହତି... ବିସ୍ଥାପନ ନୁହେଁ, ସଂସ୍ଥାପନ! ଗତିରୁ ପ୍ରଗତୀ – ଚରୈବତି ଚରୈବତି !

ଏହି ମାନବଧର୍ମର ବିବର୍ତ୍ତିତ ବିଶ୍ୱଧର୍ମ ହେଉଛି ବୌଦ୍ଧଧର୍ମ, ଯାହାର ମହାପ୍ରବକ୍ତା ଗୌତମବୁଦ୍ଧଙ୍କୁ କୁହାଯାଏ "ଏସିଆର ଆଲୋକ"। ବୌଦ୍ଧଧର୍ମର ବାଲ୍ୟଲୀଳା ଭାରତବର୍ଷରେ – ଚୈତନ୍ୟପ୍ରାପ୍ତି ଚୀନ୍‌ରେ – ମାତ୍ର ଅମରତ୍ୱ ଲାଭ ଜାପାନ୍ ଦେଶରେ । ହିଂସା, ଆତଙ୍କବାଦ, ଯୁଦ୍ଧ ଓ ଅମାନୁଷିକତାର ଉପସଂହାରରେ ଯଦି ପ୍ରକୃତରେ କୌଣସି ପ୍ରାଚୀନ ଧର୍ମ ମଣିଷର ମର୍ଯ୍ୟାଦା ପ୍ରତି ଅଙ୍ଗୀକାରବଦ୍ଧ, ତାହେଲେ ଏହି ବୌଦ୍ଧଧର୍ମ । ଏହି ବୌଦ୍ଧଧର୍ମ ହିଁ ସେଇ ବୀଜମନ୍ତ୍ରିତ ବିଶ୍ୱଧର୍ମ । ଯେଉଁ ଧର୍ମ ଧାରାରେ ମଣିଷ ହିଁ ଈଶ୍ୱର, ଜୀବ ହିଁ ଶିବ, କରୁଣା ହିଁ କିରଣ । ଏଇ ବୌଦ୍ଧଧର୍ମ ହିଁ ସେଇ ବିଶ୍ୱୈକପ୍ରାଣ ବୀଜଧର୍ମ, ଯାହା ମଧ୍ୟମମାର୍ଗର ମଧୁସାନ୍ତ୍ୱନାରେ ସାଧକକୁ ସାଧବ ଓ ସାଧାରଣ ପର୍ଯ୍ୟନ୍ତ ସମୂଦାୟର ସମବାୟ ସିଦ୍ଧିକୁ ସ୍ୱିକୃତୀ ପ୍ରଦାନ କରିଛି, ସଂସାରକୁ ଅସାର କହିନାହିଁ କଦାପି । ଏହା ସେଇ ପ୍ରାକୃତ ପ୍ରଜାଧର୍ମ, ଯାହା ଇତିହାସର ରାଜକୀୟ ସ୍ପର୍ଦ୍ଧାକୁ ପରିଣତ କରିପାରିଛି ମାନବୀୟ ସ୍ପର୍ଦ୍ଧାର ପରମ ପ୍ରଶାନ୍ତିରେ ।

ବୌଦ୍ଧଧର୍ମକୁ ଇତିହାସ ଚିହ୍ନଟ କରିଛି ଭାରତବର୍ଷର ପ୍ରସ୍ଥାନ ପର୍ବରେ । ମାତ୍ର ସମୟ ସୂଚାଇ ଦେଇଛି ଚୀନ୍ ଓ ଜାପାନ୍‌ରେ ତା'ର ସଂସ୍ଥାନ ଓ ସଂସ୍ଥାପନ । ସମ୍ପ୍ରତି ଏହି ମାନବଧର୍ମ ଜାପାନ୍ ଆନୁକୂଲ୍ୟରେ ଭାରତବର୍ଷରେ ପୁନରାୟ କେବଳ ଗୃହପ୍ରବେଶର ସ୍ୱପ୍ନ ଦେଖୁନାହିଁ, ଏହି ସ୍ୱପ୍ନର ବାସ୍ତବତାରେ ବଂର ଚୀନ୍ ସହିତ ଭାରତର ସାମରିକ ବୈରତାର ବିଲୁପ୍ତି ଲାଗି ମଧ୍ୟ ସୁଯୋଗ ଓ ସମ୍ଭାବନା ସୃଷ୍ଟିକରୁଛି । ଭାରତ-ଚୀନ୍-ଜାପାନ୍ ଯଦି କେବେ ନା କେବେ ପୁର୍ନଜାଗରଣର ମନ୍ତ୍ରଶକ୍ତି ଦ୍ୱାରା ଏକତ୍ରରେ ଉଦ୍‌ବୁଦ୍ଧ ହୋଇପାରିବେ, ତା'ହେଲେ ଏସିଆ ହୋଇଉଠିବ ଏକ ଅଦ୍‌ଭୁତ ପରାଜୟ ମହାଶକ୍ତି । ଯାହା ସ୍ୱର୍ଗମର୍ତ୍ତ୍ୟପାତାଳକାମୀ ମାର୍କିନ୍ ଅପଶକ୍ତି ପାଇଁ ଅଦୂର ଭବିଷ୍ୟତରେ କେବଳ ଶକ୍ତଧକ୍କାର ଧମକ । ଆମେରିକାର ଅର୍ଥନୈତିକ ଆତଙ୍କବାଦ ଜନ୍ମନେଇଛି ଉପରୋକ୍ତ ମନସ୍ତାତ୍ତ୍ୱିକ ବିପନ୍ନତା ବୋଧରୁ । ଏହି କାରଣରୁ ଏସିଆ, ଯାହାର ଉଇହୁଙ୍କାରୁ ଏକଦା ଉଚ୍ଚାରିତ ହୋଇଉଠିଥିଲା ମହର୍ଷିର ଓଁକାର, ଆଜି ଆମେରିକାର ମହାବିଳୟ ଯୋଜନାରେ ଏକ ଚିରଚିହ୍ନିତ କ୍ଷେତ୍ର ।

ଏସିଆର ସମାଜ, ସଭ୍ୟତା ଓ ସଂସ୍କୃତି ବିଲୁପ୍ତ ହେଲେ ଭାବ ଉପରେ ସାବ୍ୟସ୍ତ ହେବ ବସ୍ତୁର ବିଜୟ - ଯାହା ଆତଙ୍କବାଦର ଅହିରାଜ ଆମେରିକା ହିଁ ଦିଗ୍‌ବିଜୟ। ଏସିଆର କୃଷିକ୍ଷେତ୍ରର କବର ଉପରେ ନଗର ଗଢିବ ସୌଦାଗର। ସଇତାନି ଶକ୍ତିଶାଳୀ ହେବ ମୁନାଫାର ମୁଖଶାଳା – କୃଷିଭିତିକ ଗ୍ରାମସଂଗଠନର କଙ୍କାଳ କେବଳ ସ୍ମାରକିତ କରୁଥିବ ଏକ ମୃତ ସଭ୍ୟତାର ସମାଧି! ପ୍ରଜ୍ଞା, ପ୍ରଶାନ୍ତି ଧନଶକ୍ତି ପରିବର୍ତ୍ତେ ମାର୍କିନ୍ ମାର୍କେଟରୁ ମିଳୁଥିବ ଏସିଆର ଅସ୍ଥି, ଅଙ୍ଗାର, ଚିତାଭସ୍ମ!

ପୃଥିବୀକୁ ଆତ୍ମା, ହୃଦୟ ଓ ବିବେକର ବାର୍ତ୍ତାରେ ଉଦ୍ଦୀପିତ କରିବା ପାଇଁ ଏସିଆର ଐକ୍ୟ ଆଜି ସମୟର ଆହ୍ୱାନ । ଆମେରିକା ପ୍ରାୟୋଜିତ ଏହି ଗୂଢ ଅଭିସନ୍ଧିସଂପନ୍ନ ଅର୍ଥନୈତିକ ଆତଙ୍କବାଦର କଡା ମୁକାବିଲା ନିହାତି ଜରୁରୀ । ଏଥିପାଇଁ ଯଦି କୌଣସି ରାଷ୍ଟ୍ର ଆଜି ଅସ୍ଥିର ଏସିଆକୁ ଏକଜୁଟ୍ କରିବାର ନେତୃତ୍ୱ ନେଇପାରେ, ତା'ହେଲେ ସେ ହେଉଛି ସୂର୍ଯ୍ୟୋଦୟର ଦେଶ ଜାପାନ୍ । ଆଜି ଭ୍ରଷ୍ଟ ଭାରତର ନଷ୍ଟ ନଥିବାରୁ ନିଶ୍ଚିହ୍ନ କରିଦେବାକୁ ପଡିବ ଆମେରିକାର ସ୍ପଷ୍ଟ ସ୍ୱାକ୍ଷରା ଚୀନ୍‌ର ଚିତ୍ରରୁ ଉଠାଇଦେବାକୁ ହେବ ମାର୍କିନ୍ ମାୟାଜାଲ । ଏସିଆର ମହାମଞ୍ଚରେ ଅଭିଷିକ୍ତ କରିବାକୁ ହେବ ବୌଦ୍ଧ ଜାପାନକୁ। ଜାପାନକୁ ନେବାକୁ ପଡିବ ନିଷ୍କମ୍ପ ନେତୃତ୍ୱ – ଏସିଆକୁ ଆଉଥରେ ଉଇହୁଂକା ନକରିବାର ବଜ୍ରସଂକଳ୍ପରେ । ମାତ୍ର ଜାପାନ୍ ଏଥିପାଇଁ ଆଗେଇ ଆସିବ କେବେ?

ବହୁଦିନରୁ ଭାରତ-ଚୀନ୍-ଜାପାନ୍ ସରକାରମାନେ କୃଷିରୁ ମୁହଁ ଫେରାଇ ଶିଳ୍ପସାମ୍ରାଜ୍ୟରେ ମସଗୁଲ ଥିଲେ। ଏବେ ଗାଁକୁ ଫେର, କୃଷି ହିଁ ଜୀବନ ବଞ୍ଚାଇବ । ଗାଁ, ମା, ମାଟି, ମଣିଷ ସବୁ ଏକାଠି ହୁଆ ପୁଞ୍ଜିପତିମାନେ କେବେବି ଗାଁ, ମା, ମାଟି, ମଣିଷକୁ ଅନାଇ ନାହାଁନ୍ତି । ସବୁବେଳେ ଗାଁରେ ରହୁଥିବା ମଣିଷ, କୃଷି ଉପରେ ନିର୍ଭର କରୁଥିବା ଲୋକେ ଖାଦ୍ୟବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା ଦରକାର ମୁତାବକ ପାଉନାହାଁନ୍ତି । ଯେଉଁମାନେ ସାରା ବିଶ୍ୱବାସୀଙ୍କ ମୁହଁରେ ଖାଦ୍ୟ ଦେଉଛନ୍ତି, ସେମାନେ ଅର୍ଦ୍ଧାହାର ଅନାହାରରେ ଦିନ ଦିନ ବିତାଇଦେଉଛନ୍ତି । ଅଭାବ, ଅସୁବିଧା, ଦୁଃଖ, କଷ୍ଟ ଏମାନଙ୍କର ଦେହସୁହା ହୋଇଯାଇଛି । ଏବେ 'ଭାବ' ଲୋକଙ୍କୁ ଦୁଃଖ ପଡିଛି । ସୁଧଖୋର ସାହୁକାର ପରି ସରକାର କୃଷକମାନଙ୍କୁ କେବଳ ଖାତକ କରିଚାଲିଛନ୍ତି । ଏସିଆର ଚାଷୀ ଆତ୍ମହତ୍ୟା କରି ମରୁଛି, ରାଷ୍ଟ୍ର ଶାସକମାନେ ଶିଳ୍ପପତିମାନଙ୍କ ସହିତ ସାମିଲ୍ ହୋଇ ମୁନାଫାର ମିନାର୍ ଗଢୁଛନ୍ତି - ନିରନ୍ନ ଜନତାର ଅସ୍ଥିଗଦା ଉପରେ ।

ସମୟ ଥିଲା, କଳକାରଖାନା ଶିଳ୍ପ ନଥିଲା । ଲୋକେ ସେତେବେଳେ ମଣିଷ ଥିଲେ । ମାଟିକୁ 'ମା' ମଣି ଚାଷ କରି ଖାଦ୍ୟ ଉତ୍ପାଦନ କରି ବଂଚିଥିଲେ। ଶିଳ୍ପ ବିପ୍ଳବ ପରେ କୃଷି ଧିରେ ଧିରେ ଧ୍ୱଂସମୁଖୀ ହେଲା। ଯନ୍ତ୍ର ସାହାଯ୍ୟରେ କୃତ୍ରିମ ଉପାୟରେ ଖାଦ୍ୟ ଉତ୍ପାଦନ ହେଲା। କୃଷିକ୍ଷେତ୍ରରେ ନିଯୁକ୍ତ ଶ୍ରମଜୀବିମାନେ ବାଧହୋଇ ଶିଳ୍ପରେ ନିଯୁକ୍ତି ପାଇଁ ସହରାଭିମୁଖୀ ହେଲେ । ଗାଁ ହେଲା ଖାଁ ଖାଁ । ହୁଡା, ହିଡ, ହାଡର ହାହାକାର ଆଉ ହା'ଅନ୍ନର ହତାଶରେ ହଜିଗଲା ସରଳସବୁଜ ସ୍ୱପ୍ନ...ଜୀବନ । କୃଷିକାର୍ଯ୍ୟକୁ ଲୋକେ ବେଶି ପସନ୍ଦ କଲେନି। କୃଷି-କୃଷକ ଅବହେଳିତ ହେଲେ ।

ଏବେ କଳକାରଖାନା ଶିଳ୍ପରେ ମାନ୍ଦାବସ୍ଥା ଭୟଙ୍କର ଭାବେ ଦେଖାଦେଇଥିବାରୁ ପୁଣି ସହରାଭିମୁଖୀ ଶ୍ରମଜୀବି କୃଷି କାର୍ଯ୍ୟକୁ ଆପଣେଇ ନେବା ହଠାତ୍ ସମ୍ଭବ ନୁହେଁ । ତେବେ ବଂଚିବା ପାଇଁ ପରିସ୍ଥିତକୁ ଆପଣେଇ ନେଇ ସରକାରଙ୍କୁ ବାଧ୍ୟ କରିବାକୁ ହେବ ରାଜକୋଷରୁ ଆଖିବୁଜି ଅର୍ଥ ମୁକୁଳାଇ କୃଷି ଜଳସେଚନରେ ଖର୍ଚ୍ଚ କର । ନୂଆ କେନାଲ ଖୋଳ, ପୁରୁଣା କେନାଲ, ପୋତି ହୋଇଯାଇଥିବା ନଦୀନାଳକୁ ସଜାଡ । ବ୍ୟାପକ ଜଳସେଚନ ପାଇଁ କେନାଲ ଓ ନଦୀର ସଂଯୋଗୀକରଣ କର । ଜଳସେଚନ ହେଲେ ଟାଙ୍ଗରା ଭୂଇଁ ସବୁଜ ହୋଇଉଠିବ ପୁଣି । ପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନ ହୋଇ ଅନ୍ତତଃ ଲୋକେ ଦି'ଓଳି ଦି'ମୁଠା ଖାଇବାକୁ ପାଇବେ ।

କୃଷି ହିଁ କୃଷ୍ଟି । କାସ୍ପିୟାନ୍ ହ୍ରଦକୂଳରୁ ହିମାଦ୍ରି-ବିନ୍ଧ୍ୟାଦ୍ରି-ସହ୍ୟାଦ୍ରି-ଶେଷାଦ୍ରିର ପୁଣ୍ୟଭୂମି ଭାରତକୁ ଆସିଥିଲେ ଆର୍ଯ୍ୟମାନେ। ଏଇଠି ହିଁ ସେମାନେ ଆଦିମ ଅଧିବାସୀ, ବନବାସୀ ଓ ଦ୍ରାବିଡମାନଙ୍କ ସହିତ ସାମିଲ୍ ହୋଇଗଲେ ଏକ ମହାଭାରତୀୟ ଜନସ୍ରୋତରେ । ଚାରଣକ୍ଷେତ୍ରରୁ କୃଷିକ୍ଷେତ୍ର – ସଭ୍ୟତାରୁ ସଂସ୍କୃତି – ଏଇଠି ଏସିଆ ହେଲା ଅଗାମୀ ମାନବସଭ୍ୟତାର ଏନ୍ତୁଡିଶାଳ । ଚୀନ୍ ଓ ଜାପାନ୍ ମଧ୍ୟ ଏଇ କୃଷିକୁ କେନ୍ଦ୍ରବିନ୍ଦୁ କରି କୃଷ୍ଟି ରଚନା କଲେ। ଏସିଆର ଏଇ ଏନ୍ତୁଡିଶାଳକୁ ଆମେରିକା ଆଜି ମଶାଣିପଦା କରିବାକୁ ମତଲବରେ ମସ୍ତ । ଏସିଆର ଏକାନ୍ନବର୍ତ୍ତୀ ପାରିବାରିକତା ଲୋପ ପାଇଛି, ଯେତେବେଳେତାର କୃଷି କ୍ଷେତ୍ରଗୁଡିକ କୁରୁକ୍ଷେତ୍ର ପାଲଟିଛି। ଏବେ କୃଷି ଓ କୃଷକବର୍ଗକୁ ପ୍ରବଂଚିତ କରିବାର ସରକାରୀ କାର୍ଯ୍ୟକ୍ରମ ପଛରେ ଆମେରିକାର ଆଭିମୁଖ୍ୟ ସ୍ପଷ୍ଟ ପ୍ରତିଫଳିତ । ଏ ଦିଗରେ ଅଧିକ ତର୍ଜମା ନିହାତି ଜରୁରୀ । ଏସଆ ବଂଚାଅ ଅଭିଯାନ ଏକ ମାନବିକ ମହାଭିଯାନ । ଏ ମହାର୍ଘ ମହାଭିଯାନର ମହାନାୟକ ହେବ ଗଣଦେବତାର ସେଇ ଗରିବଗୋତ୍ର : କୃଷକ । ଯଦି ଏକ ସୁସ୍ଥ ସମାଜର କେନ୍ଦ୍ରବିନ୍ଦୁ କୃଷକର କୃତିକୁ ନେଇ ସୃଷ୍ଟି କରାଯାଏ, ତା'ହେଲେ ସଭ୍ୟତା ଓ ସଂସ୍କୃତି ସୁରକ୍ଷିତ ରହିବା ଦିଗରେ କୌଣସି ଶ୍ରେଣୀଶତ୍ରୁର ଶଇତାନି ସକ୍ରିୟ ହୋଇପାରିବନାହିଁ । କୃଷକମାନେ ମାଟିର ମଣିଷ କେବଳ ନୁହଁନ୍ତି, ସେମାନେ ସ୍ୱାଭାବିକ ଭାବରେ ଜନସମାଜର ଜାଗ୍ରତ ପ୍ରହରୀ । କୃଷକର ସାହସିକ ସାମର୍ଥ୍ୟକୁ ଗୁଣ୍ଡା ଡକାୟତ, ଗ୍ୟାଙ୍ଗଷ୍ଟର କି ମାଫିଆଚକ୍ର ସୁଦ୍ଧା ସାମ୍ନା କରିବାର ସ୍ପର୍ଦ୍ଧା କରିପାରନ୍ତି ନାହିଁ । ମାତ୍ର ଆଜି ରାଜନୈତିକ ରାହୁ, କେତୁ ଓ ଭସ୍ମାସୁରମାନେ ଶିଳ୍ପପତି ଓ ମାଫିଆଚକ୍ରର ମିଳିତ ଇଶାରାରେ ଜନସମାଜର ବିଶ୍ୱାସରେ ବିଷ ଦେବାକୁ ସୁଦ୍ଧା ପଛଉନାହାନ୍ତି । ଏସିଆ ମହାଦେଶର ଏଇ ଲୋଭୀ ରାଜନୈତିକ ଚକ୍ର ଓ ପ୍ରବଞ୍ଚକ ପ୍ରଶାସକ ବ୍ୟୂହ ଭିତରେ ଅସାଧୁ ଆମେରିକା ନିଜ ଅଧର୍ମବିତ୍ତକୁ କାମରେ ଲଗାଇସାରିଛି । ଶିଳ୍ପ ଗଢିଉଠୁଛି କୃଷିର କଂକାଳ ଉପରେ – ଗାଆଁ ହଜିଯାଉଛି ସହର ସୁଅରେ – ବ୍ୟଭିଚାର, ଭ୍ରଷ୍ଟାଚାର, ହତ୍ୟା, ଧର୍ଷଣ, ଅପରାଧର ମାତ୍ରା ବଢିଚାଲୁଛି ଦିନକୁ ଦିନ । ସାମାଜିକତା ଓ ବ୍ୟକ୍ତିକତା ଆଜି ବିପନ୍ନ । ପରିବେଶ ପ୍ରଦୂଷିତ – ଶିଳ୍ପାୟତନର ସଂକ୍ରମଣଶୀଳ ସଂକଟରେ । ଏବେ ସମୟ ଆସିଛି ଏସିଆର ସମାଜକୁ ବଞ୍ଚାଇବାକୁ ପଡିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର,୩୦ ନଭେମ୍ବର, ରବିବାର,୨୦୨୫


# ୨୦୨୭ ଓଡିଆଇ ବିଶ୍ୱକପରୁ ବାଦ୍ ପଡ଼ିବେ ରୋହିତ-ବିରାଟ !



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ବୋଲିଂ ପ୍ରଶିକ୍ଷକ ମୋର୍ଣ୍ଣେ ମୋର୍କେଲ ବିଶ୍ୱାସ କରନ୍ତି ଯେ ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୭ ଓଡ଼ିଆଇ ବିଶ୍ୱକପରେ ଖେଳିବା ପାଇଁ ସମ୍ପୂର୍ଣ୍ଣ ସକ୍ଷମ। ମୋର୍କେଲଙ୍କ ଏହି ବୟାନ ନଭେମ୍ବର ୩୦ ତାରିଖରେ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଓଡିଆଇ ପୂର୍ବରୁ ଆସିଛି। ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନି ମ୍ୟାଚ ବିଶିଷ୍ଟ ଓଡିଆଇ ସିରିଜ ନଭେମ୍ବର ୩୦ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ଖେଳାଯିବ।

ମୋର୍ଣ୍ଣେ ମୋର୍କେଲ କହିଛନ୍ତି, ବିଶ୍ୱକପ ଆହୁରି ବହୁତ ଦୂରରେ ଅଛି। ଉଭୟ ଉତ୍କୃଷ୍ଟ କ୍ରିକେଟର। ଯେପର୍ଯ୍ୟନ୍ତ ସେମାନେ କଠିନ ପରିଶ୍ରମ କରନ୍ତି ଏବଂ ନିଜର ଫିଟନେସ ବଜାୟ ରଖନ୍ତି, ସେମାନେ ନିଶ୍ଚିତ ଭାବରେ ଖେଳିପାରିବେ। ମୁଁ ସର୍ବଦା ଅଭିଜ୍ଞତାରେ ବିଶ୍ୱାସ କରେ, ଏବଂ ଆପଣ ଅନ୍ୟ କୌଣସି ସ୍ଥାନରେ ଏପରି ଅଭିଜ୍ଞତା ପାଇପାରିବେ ନାହିଁ। ସେମାନେ ଅନେକ ଟ୍ରଫି ଜିତିଛନ୍ତି ଏବଂ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ କିପରି ଖେଳିବେ ତାହା ଜାଣନ୍ତି। ତେଣୁ, ସେମାନେ ନିଶ୍ଚିତ ଭାବରେ ବିଶ୍ୱକପରେ ଖେଳିପାରିବେ।"

# କନିଷ୍ଠ ପୁରୁଷ ହକି ବିଶ୍ୱକପ : ବିଜୟରୁ ଭାରତର ଅଭିଯାନ ଆରମ୍ଭ

**ଚେନ୍ନାଇ**

ଏଫ୍ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ ପଞ୍ଚମ ସଂସ୍କରଣ-୨୦୨୫ ତାମିଲନାଡୁରେ ଆରମ୍ଭ ହୋଇଛି। ଶୁକ୍ରବାର ଉଦ୍‌ଘାଟନୀ ଦିବସରେ ୮ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଆୟୋଜକ ଭାରତ ସହ ସ୍ୱିଜରଲାଣ୍ଡ, ଜର୍ମାନୀ, ଆର୍ୟଲାଣ୍ଡ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ବେଲଜିୟମ ଓ ସ୍ପେନ ବିଜୟ ହାସଲ କରିଛନ୍ତି।

ଚେନ୍ନାଇର ମେୟର ରାଧାକ୍ରିଷ୍ଣ ଷ୍ଟାଡ଼ିୟମରେ ଖେଳାଯାଇଥିବା ଗ୍ରୁପ-ବି ମ୍ୟାଚରେ ଭାରତ ୭-୦ ଗୋଲରେ ଚିଲିକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ୧୬ ମିନିଟ୍‌ରେ ରୋଶନ କୁଜୁର ପ୍ରଥମ ଓ ୨୧ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ୨୫ ମିନିଟ୍‌ରେ ଭାରତ ପକ୍ଷରୁ ଦିଲରାଜ ସିଂହ ତୃତୀୟ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୩-୦ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟର ତଥା ଖେଳର ୩୪ ମିନିଟ୍‌ରେ ଭାରତ ପକ୍ଷରୁ ଦିଲରାଜ ସିଂହ ଚତୁର୍ଥ, ୩୫ ମିନିଟ୍‌ରେ ଅଜିତ ଯାଦବ ପଞ୍ଚମ ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟର ସୁଦ୍ଧା ଭାରତ ୫-୦ ଗୋଲରେ ଆଗୁଆ ରହିଥିଲା। ୪୮ ମିନିଟ୍‌ରେ ଭାରତ ପକ୍ଷରୁ ଅନମୋଲ ଏକ୍କା ଷଷ୍ଠ ଓ ୬୦ ମିନିଟ୍‌ରେ ରୋହିତ ସପ୍ତମ ଗୋଲ ଦେଇ ଦଳକୁ ୭-୦ରେ ବିଜୟ କରାଇଥିଲେ।




ଏହି ବିଜୟ ସହ ଭାରତ ୩ ପଏଣ୍ଟ ପାଇଛି। ଗ୍ରୁପ-ବି ର ଦ୍ୱିତୀୟ ମ୍ୟାଚରେ ସ୍ୱିଜରଲାଣ୍ଡ ୪-୦ ଗୋଲରେ ଓମାନକୁ ପରାସ୍ତ କରିଛି। ସ୍ୱିଜରଲାଣ୍ଡ ପକ୍ଷରୁ ବାମ୍ଭୋଚ ୧୫, ରିବାଉଡ୍ଡୁ ୨୩, କ୍ରାକନର ୩୩ ଓ ବ୍ରୁନଲୋଡ ୫୮ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ମଦୁରାଇରେ ଗ୍ରୁପ-ଏର ପ୍ରଥମ ମ୍ୟାଚରେ ଜର୍ମାନୀ ୪-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଜର୍ମାନୀ ପକ୍ଷରୁ ଜୋଷ୍ଟୁସ ୱାରାଗେ ୧୯ ଓ ୫୬ ମିନିଟ୍ରେ ୨ଟି, ବେନ୍ ହାସବୁଚ ୪୩ ଓ ଗ୍ଲାଣ୍ଡର ପଲ ୪୪ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଆର୍ୟଲାଣ୍ଡ ୪-୩ ଗୋଲରେ କାନାଡାକୁ ପରାସ୍ତ କରିଛି।

ଆର୍ୟଲାଣ୍ଡ ପକ୍ଷରୁ ରୋଏ ୧୩ ଓ ୩୩ ମିନିଟ୍ରେ ୨ଟି, ୱିଲିୟମ୍ସ ୩୫ ଓ ଥମ୍ସନ ୪୧ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କାନାଡା ପକ୍ଷରୁ ଡି ସୁଜା ୪୮ ଓ ୫୩ ମିନିଟ୍ରେ ୨ଟି ଓ ବୁଲାର ୨୬ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ଖେଳାଯାଉଛି। ଏଥିରେ ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଡିସେମ୍ବର ୧୦ରେ ଫାଇନାଲ ଖେଳାଯିବ। ଗ୍ରୁପ୍-ସି ମ୍ୟାଚରେ ଆର୍ଜେଣ୍ଟିନା ୪-୧ ଗୋଲରେ ଜାପାନକୁ ଓ ନ୍ୟୁଜିଲାଣ୍ଡ ୫-୩ ଗୋଲରେ ଚୀନକୁ ପରାସ୍ତ କରିଛି। ଗ୍ରୁପ-ଡି ମ୍ୟାଚରେ ସ୍ପେନ ୮-୦ ଗୋଲରେ ଇଜିପ୍ଟକୁ ଓ ବେଲଜିୟମ ୧୨-୧ ଗୋଲରେ ନାମ୍ବିଆକୁ ପରାସ୍ତ କରିଛି।

# ଜୟ ଶାହାଙ୍କୁ ମିଳିଲା ଆଉଟଷ୍ଟାଣ୍ଡିଂ ଆଚିଭମେଣ୍ଟ ଆୱାର୍ଡ



**ନୂଆଦିଲ୍ଲୀ**

ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କୁ ଭାରତୀୟ ମହିଳା କ୍ରିକେଟ୍‌ରେ ଉଲ୍ଲେଖନୀୟ ଯୋଗଦାନ ଲାଗି ସିଏନ୍‌ଏନ୍-ନ୍ୟୁଜ ୧୮ ପକ୍ଷରୁ ଇଣ୍ଡିଆନ ଅଫ୍ ଦି ଇୟର ପୁରସ୍କାର ବିତରଣ ଉତ୍ସବରେ ଆଉଟ୍‌ଷ୍ଟାଣ୍ଡିଂ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି।

ଏହି ପୁରସ୍କାରକୁ ଶାହା ଭାରତୀୟ ମହିଳା କ୍ରିକେଟ ଓ ନିକଟରେ ଆଇସିସି ଓମେନ୍ସ ୱାଲର୍ଡ କପ୍ ଜିତିଥିବା ଭାରତୀୟ ଦଳ ଲାଗି ଉତ୍ସର୍ଗ କରିଛନ୍ତି। ଶାହା ବିସିସିଆଇର ସମ୍ପାଦକ ଥିବା ବେଳେ ଭାରତୀୟ ମହିଳା କ୍ରିକେଟର ଉନ୍ନତି ଲାଗି ଓମେନ୍ସ ପ୍ରିମିୟର ଲିଗ୍ ଆରମ୍ଭ କରିବା ସହ ମହିଳାଙ୍କ ଲାଗି ପୁରୁଷଙ୍କ ଭଳି ସମାନ ଦରମା ବ୍ୟବସ୍ଥା ଲାଗୁ ଭଳି ଅନେକ ପଦକ୍ଷେପ ନେଇଥିଲେ।

# ଭାରତୀୟ ଟେଷ୍ଟ ଦଳ ପାଇଁ 'ଗମ୍ଭୀର ସମସ୍ୟା'

**ନୂଆଦିଲ୍ଲୀ**

ଭାରତୀୟ ଟେଷ୍ଟ ଦଳର ଦକ୍ଷତାକୁ ନେଇ ୧୨ ମାସ ମଧ୍ୟରେ ଦ୍ୱିତୀୟ ଥର ପ୍ରଶ୍ନବାଚୀ ଉଠିଛି। ବର୍ଷକ ତଳେ ନ୍ୟୁଜିଲାଣ୍ଡ ଦଳ ଭାରତ ଆସି ୩-୦ରେ ଟେଷ୍ଟ ଶୃଙ୍ଖଳା ପୋଛି ନେଇଥିଲା। ଦକ୍ଷିଣ ଆଫ୍ରିକାଠାରୁ ସଦ୍ୟତମ ଟେଷ୍ଟ ଶୃଙ୍ଖଳା ପରାଜୟ ପରେ ଭାରତୀୟ ଦଳର ଦୁର୍ବଳତା ଜଳଜଳ ହୋଇ ଦିଶୁଛି। ନିଜମାଟିରେ ଭାରତ ୪୦୮ ରନ୍‌ରେ ହାରିବା କେହି ବି ଗ୍ରହଣ କରିବେନି। ସମସ୍ତେ କହୁଛନ୍ତି, ଗୌତମ ଗମ୍ଭୀରଙ୍କ ଅଧୀନରେ ଭାରତୀୟ ଟେଷ୍ଟ ଦଳ ତା'ର ଦୁର୍ଗ ବଞ୍ଚାଇ ପାରିନାହିଁ। ନ୍ୟୁଜିଲାଣ୍ଡ ଏହି ଦୁର୍ଗରେ ଫାଟ ସୃଷ୍ଟି କରିଥିବା ବେଳେ ଦକ୍ଷିଣ ଆଫ୍ରିକା ଏହାକୁ ଧ୍ୱସ୍ତ କରିଛି। ଗମ୍ଭୀରଙ୍କ ଅଧିନରେ ଭାରତୀୟ ଟେଷ୍ଟ ଦଳ ଅରାଜକତା ଓ ଅସ୍ଥିରତା ଦେଇ ଗତି କରୁଛି। ଟେଷ୍ଟ ଦଳରେ ନିୟମିତ ଭାବେ ଖେଳାଳିଙ୍କୁ ବାଦ୍ ଦିଆଯାଉଛି ବା ବଦଳା ଯାଉଛି। ଦଳରେ କାହାରି ବ୍ୟାଟିଂ ସ୍ଥାନ ନିର୍ଦ୍ଦିଷ୍ଟ ନାହିଁ ଏବଂ ଅଲ୍‌ରାଉଣ୍ଡରଙ୍କ ଉପରେ ଅଧିକ ନିର୍ଭର କରାଯାଉଛି। ଫଳରେ ଗମ୍ଭୀରଙ୍କ ଅଧୀନରେ ଭାରତ ଗତ ୧୯ଟିରୁ




୧୦ଟି ଟେଷ୍ଟ ହାରିଛି। ଭାରତର ଘରୋଇ ରେକର୍ଡ ଖରାପ ହେବାରେ ଲାଗିଛି।

ଗୌତମ ଗମ୍ଭୀରଙ୍କ ସମୟରେ କେବଳ ଦୁର୍ବଳ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳା ଭାରତ ଜିତିଛି। ତେଣୁ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ। ଏବେ ଭାରତୀୟ ଟେଷ୍ଟ କ୍ରିକେଟ୍ ଅନିଶ୍ଚିତତା ସମୟ ଦେଇ ଗତିକରୁଛି। ଗତ ୧୯ଟି ଟେଷ୍ଟରେ ୭ ବ୍ୟାଟ୍ସମ୍ୟାନ୍ ୩ନଂ ସ୍ଥାନରେ ବ୍ୟାଟିଂ କରିଛନ୍ତି। ଗମ୍ଭୀର ଦାୟିତ୍ୱ ନେବା ପରେ ଦଳରେ ଏପରି ବାତାବରଣ ସୃଷ୍ଟିକଲେ ଯେ ୩ ମହାରଥୀ- ରବିଚନ୍ଦ୍ରନ ଅଶ୍ୱିନ, ରୋହିତ ଶର୍ମା ଓ ବିରାଟ କୋହଲି ଅବସର ନେଲେ। ଫଳରେ ଗମ୍ଭୀର ଦଳରେ ତାଙ୍କ ବ୍ରାଣ୍ଡ କ୍ରିକେଟ୍ ଲଦିବାରେ ସଫଳ ହେଲେ। ପୂର୍ବରୁ ଦଳର 'ପରିବର୍ତ୍ତନ ପର୍ଯ୍ୟାୟ'କୁ ଅସ୍ୱୀକାର କରୁଥିବା ଗମ୍ଭୀର ଦକ୍ଷିଣ ଆଫ୍ରିକାଠାରୁ ପରାଜୟ ପରେ ଯୁବ ଖେଳାଳିଙ୍କ ଅଭିଜ୍ଞତା ନ ଥିବା କଥା କହୁଛନ୍ତି। ଦଳରେ ବିଶେଷ ପରିବର୍ତ୍ତନ ହେବନାହିଁ ବୋଲି କହିଥିବା ଗମ୍ଭୀରଙ୍କ ସମୟରେ କେବଳ ୨୦୨୫ରେ ୨୪ ଜଣ ଖେଳାଳି ଟେଷ୍ଟ ଖେଳି ସାରିଲେଣି।

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ପରେ ସାଇ ସୁଦର୍ଶନ କଲକାତା ଟେଷ୍ଟରୁ ବାଦ୍ପଡ଼ିବା ଅନେକଙ୍କୁ ଚକିତ କରିଥିଲା। କଲକାତାର ଅତ୍ୟନ୍ତ ନିମ୍ନମାନର ପିଚ୍‌ରେ ୱାଶିଂଟନ ସୁନ୍ଦର ୩ନଂ ସ୍ଥାନରେ ଉଭୟ ଇନିଂସରେ ଭଲ ବ୍ୟାଟିଂ କରିଥିଲେ। ହେଲେ ଗୁଆହାଟୀ ଟେଷ୍ଟରେ ସୁନ୍ଦରଙ୍କୁ ୩ନଂ ସ୍ଥାନରୁ ହଟାଇ ସୁଦର୍ଶନଙ୍କୁ ଖେଳାଗଲା। ମେଲ୍ବୋର୍ଣ୍ଣ ଟେଷ୍ଟରେ ତାଙ୍କ ଶତକ ଲାଗି ଖେଳି ଚାଲିଛନ୍ତି ନୀତୀଶ ରେଡ୍ଡୀ। ଗୁଆହାଟୀରେ ନୀତୀଶଙ୍କୁ ଖେଳାଇବା ଲାଗି ଅକ୍ଷର ପଟେଲ ବାଦ୍ପଡ଼ିଲେ। ସେହି ଅକ୍ଷର; ଯାହାଙ୍କୁ ଟିକେ ସହଯୋଗ ମିଳିଥିଲେ କଲକାତା ଟେଷ୍ଟ ଜିତାଇ ପାରିଥାଆନ୍ତେ।

ସବୁଠାରୁ ବେଶି ଚକିତ କରିଥିଲା ଗୁରୁତ୍ୱପୂର୍ଣ୍ଣ ୪ନଂ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ଖେଳାଇବା। କଲକାତାରେ ୧୪ ଓ ୧୩ ରନ୍ କରିଥିବା ଜୁରେଲ ଗୁଆହାଟୀର ବ୍ୟାଟିଂ ପିଚ୍‌ରେ ୦ ଓ ୨ ରନ୍ କରିଥିଲେ। ଏହି ସ୍ଥାନରେ ଜଣେ ଭଲ ବ୍ୟାଟ୍ସମ୍ୟାନ ଖେଳିବାର ଥିଲା। ଦଳରେ ଦେବଦତ୍ତ ପାଡିକଲ ଥିଲେ। ପୁଣି ବାହାରେ କରୁଣ ନାୟାର, ସର୍ଫରାଜ ଖାଁ, ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ପରି ବ୍ୟାଟ୍ସମ୍ୟାନ ଦକ୍ଷତା ପ୍ରମାଣିତ କରି ମଧ୍ୟ ସୁଯୋଗ ପାଇନଥିଲେ। ବିଶେଷଜ୍ଞ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ଉପରେ ଗମ୍ଭୀରଙ୍କ ଭରସା ନ ଥିବାରୁ ୩/୪ ଜଣ ଅଲ୍‌ରାଉଣ୍ଡର ଖେଳାଉଛନ୍ତି।

ଗମ୍ଭୀରଙ୍କ ଯୋଜନା ମଧ୍ୟ ବିତର୍କର ବିଷୟ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ ନିୟମିତ ସ୍ପିନ୍ ବିପକ୍ଷରେ ବିଫଳ ହେବା ପରେ ଇଡେନ୍‌ରେ ଅତ୍ୟଧିକ ସ୍ପିନ୍ କରୁଥିବା ପିଚ୍ କରି ନିଜ ପାଇଁ ଗାତ ଖୋଳିଥିଲେ। କଲକାତା ପରାଜୟ ପରେ ଆର. ଅଶ୍ୱିନ କହିଥିଲେ, ସ୍ପିନ୍ ଖେଳିବାରେ ଭାରତ ବିଶ୍ୱରେ ସବୁଠାରୁ ଦୁର୍ବଳ ଦଳ। ଗୁଆହାଟୀରେ ବ୍ୟାଟିଂ ସହାୟକ ପିଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ ରନ୍ କରିଥିବା ବେଳେ ଭାରତ ୨୦୧ ରନ୍ କରିଥିଲା। ଦୁଇ ଭାରତୀୟ ପେସ୍ ବୋଲର ୪ଟି ୱିକେଟ୍ ନେଇଥିବା ବେଳେ ମାର୍କୋ ୟାନସନେ ଏକା ୬ଟି ୱିକେଟ୍ ନେଇଥିଲେ। ଯେପରି ସଟ୍ ଖେଳି ଭାରତୀୟମାନେ ଆଉଟ୍ ହେଲେ; ତାହା ନିଶ୍ଚୟ ଅକ୍ଷମଣୀୟ। ସ୍ପିନ୍ ବୋଲିଂ ଖେଳି ବଡ଼ ହୋଇଥିବା ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ସାଇମନ ହାର୍ମର ଏକା ୧୭ଟି ୱିକେଟ୍ ନେବା ମଧ୍ୟ ଗ୍ରହଣୀୟ ନୁହେଁ। ତେଣୁ ଆମ ଦଳରେ ସମସ୍ୟା ବେଶ୍ ଗମ୍ଭୀର।

## ବାରବାଟୀ ଟ୍ୱେଣ୍ଟି୨୦ ଆଉ ୧୦ ଦିନ
# ଷ୍ଟାଡ଼ିୟମ ଅନୁଧ୍ୟାନ କଲେ ଆଇଆଇଟି ପ୍ରତିନିଧି

**କଟକ : ନ୍ୟୁଜ୍ ବ୍ୟୁରୋ**

ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ଖେଳାଯିବ। ଉକ୍ତ ଅନ୍ତର୍ଜାତୀୟ ମ୍ୟାଚ ପୂର୍ବରୁ ବାରବାଟୀ ଷ୍ଟାଡ଼ିୟମର ନବୀକରଣ କାର୍ଯ୍ୟ ଓ ପ୍ରସ୍ତୁତି ସ୍ଥିତିକୁ ଦ୍ୱିତୀୟ ଥର ଅନୁଧ୍ୟାନ କରିଛନ୍ତି ଆଇଆଇଟି ଭୁବନେଶ୍ୱରର ପ୍ରତିନିଧି ଦଳ। ୮ ଜଣିଆ ପ୍ରତିନିଧି ଦଳ ମ୍ୟାଚ ଲାଗି ଷ୍ଟାଡ଼ିୟମରେ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟକୁ ତଦାରଖ କରିଥିଲେ। ପ୍ରତିନିଧି ଦଳ ଷ୍ଟାଡ଼ିୟମ ଗ୍ୟାଲେରୀଠାରୁ ଆରମ୍ଭ କରି କର୍ପୋରେଟ ବକ୍ସ, ଏସି ବକ୍ସ, ସ୍ପେଶାଲ ଏନକ୍ଲୋଜରର ପ୍ରସ୍ତୁତି ତଦାରଖ କରିଥିଲେ। ଆଇଆଇଟି ପ୍ରତିନିଧି ଦଳ ଅନୁଧ୍ୟାନ ରିପୋର୍ଟ ଆସନ୍ତା ଡିସେମ୍ବର ୬ରେ ଓଡ଼ିଶା ସରକାର ଓ କମିଶନରେଟ ପୁଲିସକୁ ପ୍ରଦାନ କରିବେ। ଗତ ୨୧ରେ ମଧ୍ୟ ଆଇଆଇଟି ପ୍ରତିନିଧି ଦଳ ବାରବାଟୀ ଷ୍ଟାଡ଼ିୟମ ଅନୁଧ୍ୟାନ କରିଥିଲେ।



ସେହିପରି ମ୍ୟାଚକୁ ସୁପରିଚାଳନା ନେଇ ଓସିଏ ପକ୍ଷରୁ ଶୁକ୍ରବାର ବିଭିନ୍ନ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ସଫଳ ଆୟୋଜନ ପାଇଁ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଦର୍ଶକମାନଙ୍କ ଲାଗି ଶୃଙ୍ଖଳିତ ଟିକଟ ବିକ୍ରି ସହ ଫ୍ଲଡ ଲାଇଟ ତ୍ରୁଟିଶୂନ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚରେ ନୂଆ ନିୟମ ଅନୁଯାୟୀ ଗ୍ୟାଲେରୀରେ ପାଖାପାଖି। ୩୦୦୦ ସିଟ୍ ହ୍ରାସ ପାଇବ। ଦର୍ଶକ ମାନଙ୍କ ସୁରକ୍ଷା ଲାଗି ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ମ୍ୟାଚ ଲାଗି ଟିକଟ ଦର ୩୦ରେ ଧାର୍ଯ୍ୟ ହେବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି।

ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପ ସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ତଥା ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ ବେହେରା, ପୂର୍ବତନ ଓସିଏ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ଆଇଆରବି ଓ ଯାଆଁଳା ଚମ୍ପିୟାନ



**ଖୋର୍ଦ୍ଧା : ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଇ ଆର ବି ଦଳ ପଳାଶପୁର ଦଳକୁ ୫ ୱିକେଟରେ ପରାସ୍ତ କରିଛି । ପଳାଶପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୬ ୱିକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା। ଯବାବରେ ଆଇ ଆର ବି ଦଳ ୧୪ ଓଭରରେ ଆବଶ୍ୟକ ୧୩୮ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଦଳ ପକ୍ଷରୁ ହେମନ୍ତ ପ୍ରଧାନ ଧୂଆଁଧାର ୩୧ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ (ମିନି ନନ୍ ଆଧାର) ଟସ୍ ରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ସତ୍ୟ ସୁନ୍ଦର ପଟ୍ଟନାୟକ ୩୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ମୁକୁନ୍ଦ ପ୍ରସାଦ ଦଳ ନିର୍ଦ୍ଧାରିତ ୧୫ ଓଭରରୁ ୧୦ ୱିକେଟ ହରାଇ ୧୧୪ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଯାଆଁଳା ଦଳ ଏହି ମ୍ୟାଚ୍ କୁ ୪୮ ରନ୍ ରେ ଜିତି ନେଇ ଚମ୍ପିୟାନ ହେଇଥିଲା। (ଆଧାର) ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୁଶିଲ ପ୍ରଧାନ,ଶ୍ରେଷ୍ଠ ବୋଲର ବସନ୍ତ ସାହୁ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଦାନ ପୁରସ୍କୃତ ହୋଇଥିଲେ। ସେହିପରି( ମିନି ନନ ଆଧାର) ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୌମ୍ୟ ରଞ୍ଜନ ଜେନା, ଶ୍ରେଷ୍ଠ ବୋଲର ପଙ୍କଜ ନାୟକ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ସ୍ୱାଇଁ ପୁରସ୍କୃତ ହୋଇଥିଲେ ।ଆଜିର ସଭା ରେ ମୁଖ୍ୟଅତୀଥି ଭାବରେ ଜଟଣୀ ନିର୍ବାଚନମଣ୍ଡଳୀର ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ସଭାପତି (ବିଜେପି) ବିଶ୍ୱ ରଞ୍ଜନ ବଡ଼ଜେନା, ଟାଙ୍ଗିଆପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ରାଇସିଂ ଷ୍ଟାର କ୍ଲବ ର ସଭାପତି ସଞ୍ଜୟ ପାଇକରାୟ, ମଣ୍ଡଳ ସଭାପତି ଉତ୍ତର ଖୋର୍ଦ୍ଧା ସଂଗ୍ରାମ କେଶରୀ ଯୋଗଦେଇଥିଲେ।

# ରମ୍ଭା ପୁରୁଣା ଜାତୀୟ ରାଜପଥ ଉପରେ ରେଳୱେ ଓଭର ବ୍ରିଜ୍ ନିର୍ମାଣ ପାଇଁ ଆଲୋଚନା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ରମ୍ଭା ପୂର୍ତ୍ତ ବିଭାଗ ଅଧୀନସ୍ଥ ପୁରୁଣା ଜାତୀୟ ରାଜପଥ ନଂ-୫ ଜହମି ଛକ ଠାରୁ ସାବୁଲିଆ ବାଇପାସ ରାସ୍ତା ମଧ୍ୟରେ ଖୋର୍ଦ୍ଧା – ପଳାସା ମୁଖ୍ୟ ଲାଇନ ଅନ୍ତର୍ଗତ ରମ୍ଭା – ହୁମ୍ମା ମଝିରେ ଥିବା ଫାଟକ ନଂ ଏଲ.ସି –୨୭୪ ଉପରେ ଏକ ସୂଉଚ୍ଚ ପୋଲ ନିର୍ମାଣ ସକାଶେ ଅଧିଗ୍ରହଣ ହେବାକୁଥିବା ଅଧିକୃତ ପଟ୍ଟାଦାରମାନଙ୍କ ସହିତ ବିଭାଗୀୟ ଅଧିକାରୀ ମାନଙ୍କର ଏକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଯନ୍ତ୍ରୀ ଇଂ. ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ଖଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ



ବୈଠକରେ ରମ୍ଭା ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ସତ୍ୟନାରାୟଣ ବିଷୋୟୀ, ରାଜସ୍ୱ ପର୍ଯ୍ୟବେକ୍ଷକ ତ୍ରିଲୋଚନ ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ ପଙ୍କଜ ମଲ୍ଲିକ, ଅଧିଗ୍ରହଣ ହେବାକୁଥିବା ଜମିମାଲିକ ଜଗନ ମୋହନ ପଣ୍ଡା, ଦୁର୍ଗାଚରଣ ସାହୁ, ସୁରେନ୍ଦ୍ର କୁମାର ସାହୁ, ଆଲୋକ କୁମାର ପଲେଇ, କିଶୋର ଚନ୍ଦ୍ର ସାହୁ, ପଞ୍ଚାନନ ରଣା, ଗଜାନନ ବେହେରା, ଭୋବାନୀ ରଣା, ରମେଶ ଚନ୍ଦ୍ର ପଣ୍ଡା, କୃତିବାସ ସାହୁ, ଅନନ୍ତ ରଣା, ହଟିଆ ରଣା, ପ୍ରଫୁଲ ରଣା, ପବିତ୍ର ମୋହନ ସାହୁ, ରବୀନ୍ଦ୍ର ନାଥ ପରିଡା ଆଦି ବ୍ୟକ୍ତିମାନେ ଉପସ୍ଥିତ ଥିବାବେଳେ ପ୍ରକଳ୍ପ ଠିକାଦାରଙ୍କ ତରଫରୁ ସନ୍ତୋଷ କୁମାର ପରିଡ଼ା ଉପସ୍ଥିତ ରହି ରେଲୱେ ଜମି ଅଧିଗ୍ରହଣ ପାଇଁ ଅନୁଷ୍ଠିତ ଆଲୋଚନାରେ ଭଗନେଇଥିଲେ। ଜମି ହରାଉଥିବା ଚାଷୀ ଏବଂ ପ୍ରତିଷ୍ଠାନର ମାଲିକମାନେ ବିଭାଗୀୟ ଅଧିକାରୀଙ୍କୁ ସେମାନଙ୍କର ଉପଯୁକ୍ତ ପ୍ରାପ୍ୟ ଶୀଘ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିବାବେଳେ ଅଧିକାରୀମାନେ ଯେତେଶୀଘ୍ର ସମ୍ଭବ କାଗଜପତ୍ର କରି ପ୍ରାପ୍ୟ ଦେବାକୁ ପ୍ରତିଶୃତି ଦେଇଥିଲେ। ସର୍ବ ସମ୍ମତିକ୍ରମେ ଆସନ୍ତା ଡିସେମ୍ବର ଦୁଇ ତାରିଖ ଦିନ ରାଜସ୍ୱ ବିଭାଗ ସହାୟତାରେ ହେବାକୁଥିବା ସମ୍ପୂର୍ଣ୍ଣ ଜମି ଚିହ୍ନଟ ଓ ଜମିଜମା ମାପ କାର୍ଯ୍ୟରେ ସମସ୍ତେ ଉପସ୍ଥିତରହି କାହାର କେତେ ଜମି ଅଧିଗ୍ରହଣ ହେବ ଜାଣିବା ସହିତ ନିର୍ମାଣ କାର୍ଯ୍ୟକୁ ସହଯୋଗ କରି ଉପଯୁକ୍ତ ପ୍ରାପ୍ୟ ପାଇବେ ବୋଲି ଅଧିକାରୀଙ୍କ ପ୍ରତିଶୃତି ପାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପୂର୍ତ୍ତ ବିଭାଗ ରମ୍ଭାର ରଘୁନାଥ ମହାପାତ୍ର, ପଞ୍ଚାନନ ଖଟୁଆ ଓ ବିପିନ ବିହାରୀ ଗୌଡ଼ ପରିଚାଳନା କରିଥିଲେ।

# 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରହିଥିବା ଅଚଳ ଖାତା (୨ ବର୍ଷରୁ ଅଧିକ ଓ ୧୦ ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା ) ରେ ପଡି ରହିଥିବା ଟଙ୍କା, ଦାବୀହୀନ ଜମା (୧୦ ବର୍ଷରୁ ଅଧିକ ବର୍ଷ ଧରି )ଗୁଡିକୁ ଆରବିଆଇ ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରି ଦିଆଯାଇଥାଏ ଇତ୍ୟାଦି ଉପରେ ଶିବିରରେ ସଚେତନତା କରାଯାଇଥିଲା । ଉକ୍ତ ଶିବିରରେ ଦୀର୍ଘ ବର୍ଷ ଧରି କାରବାର ହେଉ ନ ଥିବା ବ୍ୟାଙ୍କ ଖାତା କିମ୍ବା ଜମା ରାଶିର ଦାବିହୀନ ଖାତାର ଅର୍ଥ ରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଖାତାରେ ଜମା ଥିବା ପୁଞ୍ଜି କିପରି ଖାତା ଧାରକ କିମ୍ବା ମୃତ ବ୍ୟକ୍ତିଙ୍କ ପରିବାରବର୍ଗ ଫେରି ପାଇବେ ତାହା ଉପରେ ସଚେତନ କରାଯାଇଥିଲା । ଜନ ସାଧାରଣ ନିଜ ପୁଞ୍ଜି ଉପରେ ପୂର୍ବ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି ସଚେତନତା ଶିବିର ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ଚାଲିବା କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ଅଗ୍ରିମ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ କେନ୍ଦ୍ରାପଡ଼ା ତରଫରୁ ଆୟୋଜିତ ଏହି ସଚେତନତା ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏଲଡିଓ ଅଭିନାଶ ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ରିଜନାଲ ମ୍ୟାନେଜର ଆରବିଓ ପାରାଦୀପ ଏସବିଆଇ ବିଜୟ କୁମାର ବେହେରା, ଏଲଡିଏମ କେନ୍ଦ୍ରାପଡ଼ା ରମାକାନ୍ତ ମାଝୀ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଗ୍ରାହକ ମାନଙ୍କ ସମେତ ସରକାରୀ କର୍ମଚାରୀ ଏବଂ ଅନ୍ୟ ଜନସାଧାରଣ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତୀ କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍**

ରାଷ୍ଟ୍ରଗାନ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦୁଝର ସହର ସ୍ଥିତ ପ୍ରେକ୍ଷାଳୟ ରେ କେନ୍ଦୁଝର ସଦର ବିଧାନସଭା କ୍ଷେତ୍ର ବିଜେପି ପକ୍ଷରୁ ସାମୁହିକ ବନ୍ଦେମାତରମ୍ କାର୍ଯ୍ୟକ୍ରମ ସହିତ ଆତ୍ମ ନିର୍ଭର ଭାରତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝରଗଡ଼ ନଗରପାଳ ନିକୁ ସାହୁ,ସଦର ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ନାଏକ,ବନ୍ଦେ ମାତରମ୍ ର କେନ୍ଦୁଝର ଜିଲ୍ଲା ସଂଯୋଜକ ବ୍ରଜକିଶୋର ରାୟ, ଆତ୍ମନିର୍ଭର ଭାରତ ଅଭିଯାନ ର ସହସଂଯୋଜକ ମାନସ କୁମାର ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାଏକ, ଜିଲ୍ଲା ଉପସଭାପତି ଗୋପୀନାଥ ରାମ,ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ମଧୁସୂଦନ ମିଶ୍ର ମଞ୍ଚାସିନ ହୋଇ ରାଷ୍ଟ୍ରଗାନ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତୀ ର ବିଶେଷତ୍ୱ ତଥା ବନ୍ଦେ ମାତରମ୍ ସଂଗୀତ କିପରି ଦେଶ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଆନ୍ଦୋଳିତ କରୁଥିଲା ସେହି ସମ୍ପର୍କରେ ଉଦବୋଧନ ଦେବା ସହିତ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବାକୁ କହିଥିଲେ। ସେହିପରି ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ ର କର୍ମଶାଳା ରେ ମଞ୍ଚାସିନ ଅତିଥିମାନେ ପ୍ରତେକ ଭାରତୀୟ କିପରି ଆତ୍ମ ନିର୍ଭର ହେବେ ଏହା ଉପରେ ବିଷୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ ସଦର ନିର୍ବାଚନ ମଣ୍ଡଳୀ ବିଜେପି ର ୭ଟି ସାଙ୍ଗଠାନିକ ମଣ୍ଡଳ ସଭାପତି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦର ନିର୍ବାଚନ ମଣ୍ଡଳୀ ର ସଂଯୋଜକ ବିବେକାନନ୍ଦ ମହାନ୍ତ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝର ନଗର ମଣ୍ଡଳ ର ପୂର୍ବତନ ସଭାପତି ବିଶ୍ୱଜିତ ତ୍ରିପାଠୀ,ଦିଲ୍ଲୀପ କୁମାର ପଣ୍ଡା,ସଦର ବ୍ଲକ ପ୍ରତିନିଧି ଧନୁର୍ଜୟ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସାମ୍ବାଦିକଙ୍କୁ ପେନସନ ଦେବା ପ୍ରସ୍ତାବ ବିଚାରାଧିନ ରହିଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ପାଇଁ ଆସିଥିବା ପ୍ରସ୍ତାବ ରାଜ୍ୟ ସରକାରଙ୍କର ବିଚାରାଧିନ ରହିଛି । ଗଣମାଧମ ପ୍ରତିନିଧିଙ୍କୁ ପେନସନ ପ୍ରଦାନ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ଦିଆଯାଇଥିବା ଅନୁରୋଧପତ୍ର ସରକାରଙ୍କର ହସ୍ତଗତ ହୋଇଥିବାବେଳେ ଏହା ସରକାରଙ୍କର ବିଚାରାଧିନ ରହିଛି । ସେହିପରି ବିଧାୟକ ସୌଭିକ ବିଶ୍ୱାଳଙ୍କ ଅନ୍ୟଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ମୋଟ୍ ୯,୩୯୨ ସଂଖ୍ୟକ କାର୍ଯ୍ୟରତ ସାମ୍ବାଦିକ ଅଛନ୍ତି । ତନ୍ମଧ୍ୟରୁ ୭,୪୪୫ ସଂଖ୍ୟକ ସାମ୍ବାଦିକ ସମ୍ବାଦପତ୍ର ଓ ୧,୯୪୭ ସଂଖ୍ୟକ ସାମ୍ବାଦିକ ବୈଦ୍ୟୁତିକ ଏବଂ ୱେବ୍ ଚ୍ୟାନେଲ ମାନଙ୍କରେ କାର୍ଯ୍ୟରତ ଅଛନ୍ତି । ରାଜ୍ୟରେ ସମସ୍ତ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାର ବିଭିନ୍ନ କଲ୍ୟାଣମୂଳକ ସୁବିଧା ଯୋଗାଇ ଦେଉଛନ୍ତି ।

କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି । ଏହା ବ୍ୟତିତ ଚିକିତ୍ସାକାଳିନ ସହାୟତା ନିର୍ଦ୍ଧାରିତ ମାନକ ଅନୁଯାୟୀ ଦିଆଯାଉଛି । ସାମ୍ବାଦିକଙ୍କ ମୃତ୍ୟୁ କ୍ଷେତ୍ରରେ ନିକଟତମ ଆତ୍ମୀୟଙ୍କୁ ଯୋଗ୍ୟତାର ମାନଦଣ୍ଡ ଅନୁଯାୟୀ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । ସେହିପରି ମୃତ ସାମ୍ବାଦିକଙ୍କ ପିଲାମାନଙ୍କ ସ୍କୁଲ ଶିକ୍ଷା ଓ ଉଚ୍ଚଶିକ୍ଷା ପାଇଁ ଯଥାକ୍ରମେ ମାସିକ ୧୫ଶହ ଓ ୨୫ଶହ ଟଙ୍କାର ସହାୟତା ବ୍ୟବସ୍ଥା ରହିଛି । ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ରେଳଯାତ୍ରା ନିମନ୍ତେ ରିହାତି ଦରରେ ଯିବା ପାଇଁ ରେଳ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକତା ପାସ୍ ଦେବାକୁ ସୁପାରିଶ କରାଯାଇଥାଏ । ସାମ୍ବାଦିକ ମାନଙ୍କୁ ସଚିବାଳୟ ପ୍ରବେଶ ପତ୍ର ପ୍ରଦାନ ନିମନ୍ତେ ଗୃହ ବିଭାଗକୁ ସୁପାରିଶ କରାଯାଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ ଉପରେ...

କୌଣସି ନକାରାତ୍ମକ ପ୍ରଭାବ ପକାଇନାହିଁ । ବୈଠକରେ ମନ୍ତ୍ରଣାଳୟ ପ୍ରକାଶ କରିଛି ଯେ, ଘରୋଇ ଉତ୍ପାଦନ ଏବଂ ଏକ ଦୃଢ଼ ଯୋଗାଣ ଶୃଙ୍ଖଳ ଯୋଗୁ ଦେଶ ରପ୍ତାନି ଅଭିବୃଦ୍ଧି ବଜାୟ ରଖିବାରେ ସମ୍ପୂର୍ଣ୍ଣ ସକ୍ଷମ । ଟିଏମସି ଏମ୍ପି ଡୋଲା ସେନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ସମୟରେ ଅନେକ ସଦସ୍ୟ ପ୍ରଶ୍ନ ଉଠାଇଥିଲେ । ସେ ପଚାରିଥିଲେ, 'ଭାରତର ଏକ ଅଂଶୀଦାର ଦେଶ ହେବା ସତ୍ତ୍ୱେ ଆମେରିକା ଶୁଳ୍କ ଲାଗୁ କରିବା ପଛରେ କ'ଣ କାରଣ ? ବୈଠକ ସମୟରେ, କଫି, ଚା ଏବଂ ରେଶମ ସମେତ ଶିଳ୍ପ ବୋର୍ଡଗୁଡ଼ିକ ଦ୍ୱାରା ମଧ୍ୟ ଅଭିଯୋଗ ଉଠିଥିଲା । ସଦସ୍ୟମାନେ କହିଥିଲେ, ବିଶ୍ୱ ବଜାରରେ ଏହି କ୍ଷେତ୍ରଗୁଡ଼ିକ ପର୍ଯ୍ୟାପ୍ତ ସୁଯୋଗ ପାଉନାହାନ୍ତି । ଆମେରିକାର ଶୁଳ୍କ ଯୋଗୁ ରପ୍ତାନିକାରୀମାନେ ଚାପର ସମ୍ମୁଖୀନ ହେଉଛନ୍ତି । ସଦସ୍ୟମାନେ ଟଙ୍କାର ମୂଲ୍ୟରେ ପରିବର୍ତ୍ତନ ଯୋଗୁ ଆମଦାନୀ ଏବଂ ରପ୍ତାନିରେ ହେଉଥିବା ଅସୁବିଧା ବିଷୟରେ ମଧ୍ୟ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅଭିଯୋଗଗୁଡ଼ିକ ସମ୍ପର୍କରେ, ମନ୍ତ୍ରଣାଳୟ କହିଛି ଯେ, ସମସ୍ତ ପ୍ରଶ୍ନ ଏବଂ ଅଭିଯୋଗର ଉତ୍ତର ଦୁଇ ସପ୍ତାହ ମଧ୍ୟରେ ଦିଆଯିବ । କମିଟିର ପରବର୍ତ୍ତୀ ବୈଠକ ଡିସେମ୍ବର ୧୬ରେ ଅନୁଷ୍ଠିତ ହେବ ।

## ପୂର୍ବତନ ବିଚାରପତି ...

ବ୍ରାଜିଲ ବିଶେଷଜ୍ଞ ପାଉଲୋ ସେର୍ଗିଓ ପିନହେରଇରୋଙ୍କ ସ୍ଥାନରେ ମୁରଲୀଧର ୩ ଜଣିଆ କମିଶନର ମୁଖ୍ୟ ଭାବେ ଅବସ୍ଥାପିତ ହେବେ । ୨୦୨୧ ଏପ୍ରିଲରୁ ଅନ୍ତର୍ଜାତୀୟ ମାନବୀୟ ଆଇନ ଏବଂ ମାନବାଧିକାର ଉଲ୍ଲଂଘନ ଅଭିଯୋଗର ତଦନ୍ତ ଦାୟିତ୍ୱ ଉକ୍ତ କମିଶନକୁ ଦିଆଯାଇଛି । ନୂଆ ଅଧ୍ୟକ୍ଷ ତାଙ୍କ ତଦନ୍ତ ରିପୋର୍ଟ ଜାତିସଂଘ ସାଧାରଣ ସଭା ଏବଂ ମାନବାଧିକାର ପରିଷଦକୁ ପ୍ରଦାନ କରିବେ ।

ମୁରଲୀଧର ୨୦୨୧ରୁ ୨୦୨୩ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ । ୨୦୦୯ରେ ଦିଲ୍ଲୀ ହାଇକୋର୍ଟ ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରିବା ପାଇଁ ଦେଇଥିବା ରାୟରେ ମୁରଲୀଧରଙ୍କ ଭୂମିକା ରହିଥିଲା । ୨୦୨୦ ଫେବୃଆରୀରେ ତାଙ୍କୁ ହଠାତ୍ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବିଳମ୍ବିତ ରାତିରେ ବଦଳି କରାଯିବା ଖବରର ଶିରୋନାମା ମଣ୍ଡନ କରିଥିଲା । ଦିଲ୍ଲୀ ଦଙ୍ଗା ବେଳେ ରାଜନେତାମାନଙ୍କ ଘୃଣିତ ଭାଷଣ ସମୟରେ ଦିଲ୍ଲୀ ପୋଲିସର ନିଷ୍କ୍ରିୟତାକୁ ତାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମାଲୋଚନା କରିବାର କେତେଘଣ୍ଟା ପରେ ତାଙ୍କୁ ବଦଳି କରାଯାଇଥିଲା । ଏହି ଘଟଣା ସେତେବେଳେ ବିତର୍କର ବିଷୟ ପାଲଟିବା ସହ ଆଇନଜୀବୀ ଓ ବିଚାରପତିମାନଙ୍କ ମହଲରେ ବିରୋଧ କରାଯାଇଥିଲା ।

## ଏଚ୍ଏସ୍ସି ସାର୍ଟିଫିକେଟରେ ...

କରାଯାଇଥିଲା । ୧୯୯୨ରେ ଆବେଦନକାରୀ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ଏଚଏସସି ପରୀକ୍ଷା ଦେଇ ପାସ୍ କରିଥିଲେ । ସ୍କୁଲ ରେଜିଷ୍ଟରରେ ଉଲ୍ଲେଖ ଜନ୍ମତାରିଖକୁ ବିଚାରକୁ ନିଆଯାଇ ଆବେଦନକାରୀଙ୍କ ଏଚଏସସି ପାସ୍ ସାର୍ଟିଫିକେଟରେ ଜନ୍ମତାରିଖ ୧୯୭୨, ଏପ୍ରିଲ ୨୭ ବୋଲି ଉଲ୍ଲେଖ କରାଯାଇଥିଲା । ପରବର୍ତ୍ତୀ ତାରିଖରେ ଜନ୍ମ ତାରିଖ ସଂଶୋଧନ ପାଇଁ ଆବେଦନକାରୀ ଏଫସିଆଇ ପରିଚାଳକଙ୍କ ନିକଟରେ ସତ୍ୟପାଠ ଦାଖଲ କରିଥିଲେ ।

୨୦୨୩ରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀ ବାରମ୍ବାର ଏ ନେଇ ଦରଖାସ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଦାଖଲ କରିଥିଲେ । ପରିଶେଷରେ ୨୦୨୨, ଡିସେମ୍ବର ୨୬ରେ ଜନ୍ମ ତାରିଖ ସଂଶୋଧନ ପାଇଁ ଆବେଦନକାରୀ ଦାଖଲ କରିଥିବା ଦରଖାସ୍ତକୁ କର୍ତ୍ତୃପକ୍ଷ ଖାରଜ କରିଥିଲେ । ଏହାକୁ ଚାଲେଞ୍ଜ କରି ୨୦୨୩ରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରି ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ସୋହନ ମିଶ୍ର ସହାୟତା କରୁଥିଲେ ।

## ୮ ଲକ୍ଷରୁ ଊର୍ଦ୍ଧ୍ୱ ...

ନେଇଛନ୍ତି ଆଉ ନୂଆ ହିତାଧିକାରୀଙ୍କୁ ରାସନକାର୍ଡ ବ୍ୟବସ୍ଥାରେ ଯୋଡିବେ । ୧୩ ଲକ୍ଷ ୫୦ ହଜାର ହିତାଧିକାରୀଙ୍କୁ ଗ୍ରାମାଞ୍ଚଳ ସ୍ତରରୁ ଏବଂ ୧ ଲକ୍ଷ ୫୦ ହଜାର ହିତାଧିକାରୀଙ୍କୁ ସହରାଞ୍ଚଳରୁ ଚିହ୍ନଟ କରାଯାଇ ରାସନ କାର୍ଡ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ମୁଲତବୀ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳରୁ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଂଗ୍ରେସ ବିଧାୟକ ଅଶୋକ କୁମାର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ରାଜ୍ୟ ସରକାର ଜାଣିଶୁଣି ଗରିବ ଲୋକଙ୍କ ରାସନ କାର୍ଡ କାଟୁଛନ୍ତି ବୋଲି ଅଭିଯୋଗ ଉଠାଇଥିଲେ । ଶାସନ ଦଳରୁ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରମୁଖ ଏହି ଆଲୋଚନାରେ ଭାଗନେଇଥିଲେ । ତେବେ ମନ୍ତ୍ରୀ ଶ୍ରୀ ପାତ୍ର ଉତ୍ତର ଦେବା ବେଳେ ବିରୋଧୀ ଦଳର ବିଧାୟକମାନେ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ । ମନ୍ତ୍ରୀଙ୍କ ଉତ୍ତର ପରେ ବାଚସ୍ପତି ମୁଲତବୀ ପ୍ରସ୍ତାବଟିକୁ ଅଗ୍ରାହ୍ୟ କରିଥିଲେ ।

## ନୂଆବର୍ଷରେ ଦୁଇଟି ...

୯୭ ଲକ୍ଷ ୫୧ ହଜାର ୪୭୯ ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି । ରାଜ୍ୟରେ ମହିଳା କମିଶନରେ ୧ନଭେମ୍ବର ୨୦୨୫ ସୁଦ୍ଧା ୩୬୯୪ ମାମଲା ବିଚାରଧୀନ ରହିଛି । ୨୦୧୨ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଶିଶୁ କମିଶନରେ ୪୪୫୩ କେସ ହୋଇଛି ପଞ୍ଜିକୃତ । ସେଥିରୁ ୧୮୬୮ ଟି କେସ ହୋଇଛି ଫଇସଲା । ବିଚାରଧୀନ ଅଛି ୨୫୮୫ ମାମଲା । ଗୃହରେ କଂଗ୍ରେସ ବିଧାୟକ ପବିତ୍ର ସାଉଁଟାଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି ସୁଭଦ୍ରା ପାଇଁ ରାଜ୍ୟ ସରକାର ୧୩ କୋଟି ୮ ଲକ୍ଷ ଖର୍ଚ୍ଚ କରିଛନ୍ତି । ସୁଭଦ୍ରା ପୋର୍ଟାଲର ମେଣ୍ଟେନାନ୍ସ, ହଷ୍ଟିଙ୍ଗ ଏବଂ ଡାଟା ସୁରକ୍ଷା ପାଇଁ ଖର୍ଚ୍ଚ ହୋଇଛି ଅର୍ଥ । ସୁଭଦ୍ରା ପୋର୍ଟାଲ, ମେଣ୍ଟାନାନ୍ସ, ଡେଭଲପମେଣ୍ଟ ଓ ସୁରକ୍ଷା ପାଇଁ ୧ କୋଟି ୫୪ ଲକ୍ଷ ୭୮ ହଜାର ଖର୍ଚ୍ଚ କରିଛି ବିଭାଗ । କ୍ଲାଉଡ ହୋଷ୍ଟିଂ ପାଇଁ ଖର୍ଚ୍ଚ ହୋଇଛି ୧୨ କୋଟି ୨୮ ଲକ୍ଷ ୧୫ ହଜାର ଟଙ୍କା । ଗୃହରେ ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉତ୍ତର ରଖିଥିଲେ ।

# ଖୁବଶୀଘ୍ର ୬ଟି ନୂତନ ସହରରେ ଗଡ଼ିବ ଇଲେକ୍ଟ୍ରିକ୍ ବସ୍: ଗୃହ ନିର୍ମାଣ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆଧୁନିକ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନରେ ଏହାର ପାଦଚିହ୍ନକୁ ସୁଦୃଢ଼ କରି, ରାଜଧାନୀ କ୍ଷେତ୍ର ସହରାଂଚଳ ପରିବହନ (କ୍ରୁଟ) କୁ ୧୮ ତମ ସହରାଂଚଳ ଗତିଶୀଳତା ଭାରତ (ୟୁଏମଆଇ) ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାରରେ ସମ୍ମାନିତ କରାଯାଇଛି । ଗଣମାଧ୍ୟମ ସହିତ ଏହି ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି ଯେ ଓଡ଼ିଶା ୨୦୨୬ ଅକ୍ଟୋବର ଶେଷ ସପ୍ତାହରେ ୧୯ ତମ ସହରାଂଚଳ ଗତିଶୀଳତା ଭାରତ ସମ୍ମିଳନୀ ଗର୍ବର ସହିତ ଆୟୋଜନ କରିବ । ଗଣମାଧ୍ୟମ ସହିତ କଥାବାର୍ତ୍ତା ଅବସରରେ ଡକ୍ଟର ମହାପାତ୍ର ଆଲୋକପାତ କରିଥିଲେ ଯେ ଆମ ବସ୍ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖୁଛି । 'ବର୍ତ୍ତମାନ ସାରା ଓଡ଼ିଶାରେ ୬୭୦ ଟି ଆମ ବସ୍ ଚାଲୁଛି, ଯେଉଁଥିରେ ୨୨୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ ଅଛି ଯାହା ସ୍ୱଚ୍ଛ ଏବଂ ସବୁଜ ପରିବହନ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ । ବହୁତ ଶୀଘ୍ର, ସହରାଂଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ଛଅଟି ନୂତନ ସହରକୁ ଇଲେକ୍ଟ୍ରିକ୍ ବସ୍ ବିସ୍ତାର କରାଯିବ,' ବୋଲି ସେ କହିଛନ୍ତି । ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ଯେ ଆମ ବସ୍ ବର୍ତ୍ତମାନ ୧୩୯୯ କିଲୋମିଟର ପରିବ୍ୟାପ୍ତ ୧୧୩ ଟି ରୁଟରେ ଚାଲୁଛି, ଯାହା ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କୁ ସେବା ଯୋଗାଇଥାଏ ।

# ହଂକଂ ଅଗ୍ନିକାଣ୍ଡ ବଢ଼ାଇଛି ଚିନ୍ତା, ଅନ୍ତର୍ଜାତୀୟ ସ୍ତରୀୟ ହେବ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟର ନୂଆ ନୂଆ ରୂପ ଦେଖିବାକୁ ମିଳୁଛି । ପାରମ୍ପରିକ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ଭୂସ୍ଖଳନ ଛଡ଼ା ନୂଆ ବିପଦ ସାମ୍ନାକୁ ଆସୁଛି । ନିକଟରେ ହୋଇଥିବା ହଂକଂ ହାଉସିଂ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଏକ ନୂଆ ବିପଦ ଭାବେ ସମସ୍ତଙ୍କ ପାଇଁ ଉଭା ହୋଇଛି । ରାଜ୍ୟ ସରକାରଙ୍କ ପାଇଁ ମଧ୍ୟ ଏହା ସତର୍କ ଘଣ୍ଟି ବଜେଇଛି । ବଦଳୁଥିବା ବିପର୍ଯ୍ୟୟର କଳେବରକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ସଠିକ୍ ମୁକାବିଲା ଲାଗି ଗୋଟିଏ ଛାତ ତଳେ ରହିବ ବିପର୍ଯ୍ୟୟ ସହିତ ସମ୍ପୃକ୍ତ ସମସ୍ତ ବିଭାଗ । ଏଥିପାଇଁ ଭୁବନେଶ୍ୱରରେ ନିର୍ମାଣ ହେବ ପ୍ରାକୃତିକ ବିପର୍ଯ୍ୟୟ ଭବନ । ଜାତୀୟ ନୁହେଁ, ଏଣିକି ଅନ୍ତର୍ଜାତୀୟ ସ୍ତରୀୟ ବିପର୍ଯ୍ୟୟ ମୁକାବିଲା ଲାଗି ବ୍ୟବସ୍ଥା କରାଯିବ । ଏହି ସୂଚନା ଦେଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ଓଡ୍ରାଫ ପରିସରରେ ଥିବା ଷ୍ଟେଟ୍ ଫାୟାର କମାଣ୍ଡ ସେଣ୍ଟର ପରିଦର୍ଶନ କରିଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଅଗ୍ନିଶମ ଓ ଜରୁରୀକାଳୀନ ସେବା ନିର୍ଦ୍ଦେଶ କକ୍ଷରେ ଅଗ୍ନିଶମ ବିଭାଗ ଦ୍ୱାରା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟର ସମୀକ୍ଷା କରିଛନ୍ତି ମନ୍ତ୍ରୀ । ଅଗ୍ନିଶମ ବିଭାଗ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅର୍ଥର ଉପଯୋଗ କରି ଆଧୁନିକୀକରଣ ପାଇଁ ନେଇଥିବା ପଦକ୍ଷେପର ମଧ୍ୟ ସମୀକ୍ଷା କରିଛନ୍ତି । ବିପର୍ଯ୍ୟୟ ସମୟରେ କିଭଳି ସଂଗଠିତ ଭାବେ ବିଭାଗ-ବିଭାଗ ଭିତରେ ସମନ୍ୱୟ ରଖି ବିପର୍ଯ୍ୟୟ ମୁକାବିଲା କରାଯାଇ ପାରିବ ସେନେଇ ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ଟିପ୍ସ ଦେଇଛନ୍ତି ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ । ଅଗ୍ନିଶମ ଓ ଜରୁରୀକାଳୀନ ସେବା ନିର୍ଦ୍ଦେଶ କକ୍ଷରେ ଅଗ୍ନିଶମ ବିଭାଗ ଦ୍ୱାରା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟର ସମୀକ୍ଷା କରିଛନ୍ତି ମନ୍ତ୍ରୀ । ବିପର୍ଯ୍ୟୟ ପରିଚାଳନାକୁ ଆଗକୁ ନେବା ପାଇଁ ବୈଷୟିକ ଜ୍ଞାନ ଓ ନୂତନ ଜ୍ଞାନ କୌଶଳ ବ୍ୟବହାରକୁ ଗୁରୁତ୍ୱ ଦେବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଅଗ୍ନିକାଣ୍ଡ ହେଉ କି ନଦୀ, ନାଳ ଏବଂ ପୋଖରୀରେ ବୁଡି, ଭୂସ୍ଖଳନ, ସାପ କାମୁଡ଼ା ଉଦ୍ଧାର ସମୟରେ ତ୍ୱରିତ ସେବା ଯୋଗାଇ ଦିଆଯାଇପାରିବ, ସେନେଇ ସମୀକ୍ଷା କରିଛନ୍ତି । ଓଡ୍ରାଫ, ଅଗ୍ନିଶମ ବିଭାଗ ବିପର୍ଯ୍ୟୟ ସମୟରେ ଯେପରି ତ୍ୱରିତ ମୁକାବିଲା କରିପାରିବେ ସେନେଇ ଗୁରୁତ୍ୱାରୋପ କରିଛନ୍ତି ମନ୍ତ୍ରୀ । ଆବଶ୍ୟକୀୟ ଅତ୍ୟାଧୁନିକ ଯନ୍ତ୍ରପାତି ବାବଦରେ ମଧ୍ୟ ଆଲୋଚନା ହୋଇଛି । ଏହି ସମୟରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାସ, ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ମାଝୀଙ୍କ ସହ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ଓଡ୍ରାଫ ପରିସରରେ ଥିବା ଷ୍ଟେଟ୍ ଫାୟାର କମାଣ୍ଡ ସେଣ୍ଟର ପରିଦର୍ଶନ କରିଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ସରକାର ଗଠନ ଓ ମନ୍ତ୍ରୀ ଭାବେ ଦେଢ଼ ବର୍ଷର ଅନୁଭବ ହୋଇଛି । ଓଡିଶା ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ବାରମ୍ବାର ବନ୍ୟା, ବାତ୍ୟା, ଗ୍ରୀଷ୍ମପ୍ରବାହ, ପାଣି ବୁଡି, ବଜ୍ରପାତ, ସାପ କାମୁଡ଼ା ଓ ଅଗ୍ନିକାଣ୍ଡ ଭଳି ଘଟଣା ନିୟମିତ ଘଟୁଛି । ଲ୍ୟାଣ୍ଡ ସ୍ଲାଇଡ଼ ଘଟଣା ମଧ୍ୟ ବଢିବାରେ ଲାଗିଛି । ଏହି ସବୁ ଘଟଣା ଘଟୁଥିବା ସମ୍ପର୍କିତ ବିଭାଗ ମଧ୍ୟରୁ ଅଗ୍ନିଶମ ବିଭାଗ ଅନ୍ୟତମ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ, ଏନଡିଆରଏଫ ଓ ଜଙ୍ଗଲ ବିଭାଗର ମଧ୍ୟ ଭୂମିକା ରହିଛି । ବିପର୍ଯ୍ୟୟ ସମୟରେ କାମ କରୁଥିବା ବିଭାଗ ଭିନ୍ନ ଭିନ୍ନ ସ୍ଥାନରେ ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ଓ ରାଜ୍ୟ କ୍ୟାବିନେଟ ଏକ ନିଷ୍ପତ୍ତିରେ ମୋହର ମାରିଛି । ତାହା ହେଉଛି ଭୁବନେଶ୍ୱରରେ ଏକ ପ୍ରାକୃତିକ ବିପର୍ଯ୍ୟୟ ଭବନ ନିର୍ମାଣ ହେବ ।' ରାଜସ୍ୱ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, 'ପ୍ରାକୃତିକ ବିପର୍ଯ୍ୟୟ ଭବନରେ ଏହି ସମସ୍ତ ବିଭାଗର ଶୀର୍ଷ ଅଧିକାରୀଙ୍କ କାର୍ଯ୍ୟାଳୟ ସେଠାରେ ରହିବ । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ରହିବ । ଯାହା ତଥ୍ୟ ଓ ଖବର ଆସିବା ପରେ ଏହାର କାର୍ଯ୍ୟାନୁଷ୍ଠାନ ନେଇ ତୁରନ୍ତ ଅପଡେଟ କରାଯିବ । ବିପର୍ଯ୍ୟୟ ପରିଚାଳନା ପାଇଁ ଜାତିସଂଘ ଆମକୁ ସାର୍ଟିଫିକେଟ ଦେଇଛି । ଆଉ ଏବେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଥିବା ନାଁ'କୁ ଆଉ ଏକ ସ୍ତରକୁ ନିଆଯିବ । ଜାତୀୟ ନୁହେଁ ଏବେ ଅନ୍ତର୍ଜାତୀୟ ସ୍ତରୀୟ ହେବ ଓଡିଶାର ବିପର୍ଯ୍ୟୟ ମୁକାବିଲା । ଏନେଇ ବିଭାଗ ତରଫରୁ ଏକ ପ୍ରେଜେଣ୍ଟେସନ ଦିଆଯାଇଛି । ଆମ ପାଖରେ କଣ କଣ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି ଏବଂ ଆଉ କଣ ଆବଶ୍ୟକତା ରହିଛି, ଏ ବାବଦରେ ବିଭାଗ ଅବଗତ କରିଛି । ଚୀନ, ଜାପାନ ତଥା ୟୁରୋପୀୟ ଦେଶ ବ୍ୟବହାର କରୁଥିବା ଉପକରଣ ତୁଳନାରେ ଆମର ସ୍ଥିତି ବାବଦରେ ମଧ୍ୟ ଅବଗତ ହୋଇଛି ।'

# ଓ.ପି. ଜିନ୍ଦଲ ସ୍କୁଲ ପକ୍ଷରୁ ବାର୍ଷିକ ପ୍ରଦର୍ଶନୀ 'ଏକ୍ସପ୍ଲୋରାଇଜ୍' ୨୦୨୫-୨୬ ଅନୁଷ୍ଠିତ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**
ଅନୁଗୁଳର ଓ.ପି. ଜିନ୍ଦଲ ସ୍କୁଲ ପକ୍ଷରୁ ଜିନ୍ଦଲ ନଗରର ଇଡେନ୍ ଗାର୍ଡେନ୍ ପରିସରରେ ବାର୍ଷିକ ପ୍ରଦର୍ଶନୀ ଏକ୍ସପ୍ଲୋରାଇଜ୍ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ପ୍ରାୟ ୨୦୦ଟି ଅଭିନବ ଏବଂ ସୃଜନଶୀଳ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରଦର୍ଶନୀରେ ବିଜ୍ଞାନ, ଗଣିତ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା, କ୍ରୀଡା, ବ୍ରିଟିଶ୍ କାଉନସିଲ୍, ୟୁନେସ୍କୋ, ବାଣିଜ୍ୟ ଏବଂ କ୍ୟାରିୟର ପରାମର୍ଶ ସମେତ ବିଭିନ୍ନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଏବଂ ଉତ୍କର୍ଷତା ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଶିକ୍ଷକମାନଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ପ୍ରସ୍ତୁତ ହୋଇଥିଲା । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଶ୍ୱିନୀ କୁମାର ସାହୁଙ୍କ ସ୍ୱାଗତ ଅଭିଭାଷଣ ସହିତ ଆରମ୍ଭ ହୋଇଥିଲା, ଏହା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ମଧୁର ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହା ସହିତ ସ୍ୱାଗତ ନୃତ୍ୟ ଏବଂ ସ୍କୁଲ୍ ବ୍ୟାଣ୍ଡ୍ ଦ୍ୱାରା ବାଦ୍ୟ ପରିବେଷଣ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଅଧିକ ଆକର୍ଷଣୀୟ କରିଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କର୍ଣ୍ଣେଲ ସୁଦୀପ ମାଜୀ, ଉପ-ସଭାପତି ଓ ପ୍ରଶାସନ ମୁଖ୍ୟ, ଜିନ୍ଦଲ ଷ୍ଟିଲ୍, ଅନୁଗୁଳ ଯୋଗ ଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ଭାବ ଏବଂ ପ୍ରଦର୍ଶନୀରେ ପ୍ରଦର୍ଶିତ ନୂତନ କୌଶଳକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରଦର୍ଶନୀର ବିଜେତା ଏବଂ ଓପିଜେଏସଏର ଯୁବ ଲେଖକ-ଲେଖିକାମାନଙ୍କୁ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ପ୍ରଦର୍ଶନୀ ପାଇଁ କାର୍ଯ୍ୟକ୍ରମ ସ୍ଥଳକୁ ଅତି ସୁନ୍ଦର ଭାବରେ ସୁସଜ୍ଜିତ କରାଯାଇଥିଲା, ଯାହା 'ଏକ୍ସପ୍ଲୋରାଇଜ୍' ୨୦୨୫ କୁ ଆହୁରି ସ୍ମରଣୀୟ ଏବଂ ପ୍ରେରଣାଦାୟକ ଉତ୍ସବ କରିଥିଲା ।



# ପୂର୍ବତଟ ରେଳପଥ ଦ୍ୱାରା ଆୟୋଜିତ ମହିଳା ଅବକାଶ ଶିବିର - ୨୦୨୫




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥର କର୍ମଚାରୀ ଲାଭ ପାଣ୍ଠି ଅଧୀନରେ ଆୟୋଜିତ ମହିଳା ଛୁଟି ଶିବିର - ୨୦୨୫କୁ ଶନିବାର ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଏହାର ମୁଖ୍ୟାଳୟରୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା ।

ମୁଖ୍ୟାଳୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୭୨ ଜଣ ମହିଳା କର୍ମଚାରୀ ଏହି ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି, ଯାହା ୩୦ ନଭେମ୍ବର ୨୦୨୫ ରୁ ୨ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି । ମହିଳା କର୍ମଚାରୀଙ୍କ ମଧ୍ୟରେ ମନୋରଞ୍ଜନ, ସୁସ୍ଥତା ଏବଂ ପାରସ୍ପରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି ଶିବିରର ଉଦ୍ଦେଶ୍ୟ । ଏହି ଅବସରରେ ଉଦବୋଧନ ଦେଇ ମହାପ୍ରବନ୍ଧକ କର୍ମଚାରୀ କଲ୍ୟାଣ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ମହିଳା କର୍ମଚାରୀଙ୍କ କଲ୍ୟାଣ, ସଶକ୍ତିକରଣ ଏବଂ ସୁରକ୍ଷା ପ୍ରତି ପୂର୍ବତଟ ରେଳପଥର ଦୃଢ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ । ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ଛୁଟିଦିନ ଶିବିର, ତାଲିମ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ବିକାଶ କାର୍ଯ୍ୟକଳାପ ଭଳି କଲ୍ୟାଣମୂଳକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ସେ ମହିଳା କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ ଏବଂ ଏଭଳି ସମୃଦ୍ଧ ସୁଯୋଗର ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ । ଗସ୍ତ ସମୟରେ, ଏହି ଦଳ କୋରାପୁଟ ଅଂଚଳର ମନୋରମ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳର ଅନ୍ୱେଷଣ କରିବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି: ଓଡ଼ିଶାର ସର୍ବୋଚ୍ଚ ଶୃଙ୍ଗ ଦେଓମାଲି ପାହାଡ଼; ଗୁପ୍ତେଶ୍ୱର ମନ୍ଦିର-ଏକ ପ୍ରାଚୀନ ପବିତ୍ର ତୀର୍ଥସ୍ଥାନ; ଡୁଡୁମା ଜଳପ୍ରପାତ-ପୂର୍ବ ଘାଟର ଏକ ପ୍ରମୁଖ ପ୍ରାକୃତିକ ଆକର୍ଷଣ । ପୂର୍ବ ତଟ ରେଳପଥ ବିଭିନ୍ନ କର୍ମଚାରୀ କୈନ୍ଦ୍ରିକ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ଜାରି ରଖିଛି, କଲ୍ୟାଣ ବୃଦ୍ଧି ଏବଂ ଏହାର ମହିଳା କାର୍ଯ୍ୟବଳ ପାଇଁ ସହାୟତା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି । ପୂର୍ବ ତଟ ରେଳପଥ ବିଭିନ୍ନ କର୍ମଚାରୀ-କୈନ୍ଦ୍ରିକ ପଦକ୍ଷେପ କାର୍ଯ୍ୟକାରୀ କରିଚାଲିଛି, ଯାହା ଏହାର ମହିଳା କର୍ମଚାରୀଙ୍କ କଲ୍ୟାଣ ବୃଦ୍ଧି ଏବଂ ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇଛି ।

# ଏକ ସମନ୍ୱିତ ଓ ଭବିଷ୍ୟତମୁଖୀ ଓଡ଼ିଶା ଗଠନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏକ ସମନ୍ୱିତ ଓ ଭବିଷ୍ୟତମୁଖୀ ଓଡ଼ିଶା ଗଠନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଶନିବାର ଦିନ ଓଡ଼ିଶା ଟେଲିଭିଜନ ନେଟୱର୍କ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଆୟୋଜିତ ଓଡ଼ିଶା ସିଟିଜେନସ ଆୱାର୍ଡ୍ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏକ ସମାଜର ପ୍ରକୃତ ପ୍ରଗତି କେବଳ ଏହାର ଅନୁଷ୍ଠାନ ଦ୍ୱାରା ନୁହେଁ ବରଂ ଏହାର ଲୋକଙ୍କ କରୁଣା, ଚରିତ୍ର ଏବଂ ପ୍ରତିବଦ୍ଧତା ଦ୍ୱାରା ଗଠିତ ।

ଓଡ଼ିଶା ଏହାର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି । ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି ଦେଖିପାରୁଛି ଓ ଏହି ଗତିକୁ ବଜାୟ ରଖିବା ପାଇଁ ସମାଜର ସମସ୍ତ ବର୍ଗର ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି । ପରିବେଶ ଅବକ୍ଷୟ, ସାଇବର ଅପରାଧ, ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ଭଳି ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକାଠି ହୋଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । ଜନସାଧାରଣଙ୍କୁ ସତର୍କ ରହିବା, ଯୁବ ପିଢ଼ିଙ୍କୁ ସୁରକ୍ଷା ଦେବା ଏବଂ ଶାନ୍ତି ଏବଂ ସାମାଜିକ ସଦଭାବ ବଜାୟ ରଖିବାକୁ ରାଜ୍ୟପାଳ ଅନୁରୋଧ କରିଥିଲେ ।

ଓଡ଼ିଶା ସିଟିଜେନସ ଆୱାର୍ଡକୁ ଏକ ସମ୍ମାନଜନକ ପ୍ଲାଟଫର୍ମ ବୋଲି ଅଭିହିତ କରି ରାଜ୍ୟପାଳ ଏହାର ସ୍ୱଚ୍ଛ ଏବଂ ଯୋଗ୍ୟତା-ଭିତ୍ତିକ ଚୟନ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଏହି ପୁରସ୍କାର ସାର୍ବଜନୀନ ବିଶ୍ୱାସକୁ ଗଭୀର କରିଥାଏ କାରଣ ଏହା ସାଧୁତା, ନେତୃତ୍ୱ ଏବଂ ସେବା କରୁଥିବା ବ୍ୟକ୍ତିମାନଙ୍କୁ ସ୍ୱୀକୃତି ଦିଏ ।

ପୁରସ୍କାରପ୍ରାପ୍ତମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ, ଦୃଢ଼ତା ଏବଂ ନିସ୍ୱାର୍ଥପର ପ୍ରୟାସ ରାଜ୍ୟବ୍ୟାପୀ ଗୋଷ୍ଠୀଙ୍କୁ ଅନୁପ୍ରାଣିତ କରିଆସୁଛି । ଏହା ସମାଜ ପ୍ରତି ସେମାନଙ୍କର ଦୃଢ଼ ପ୍ରତିବଦ୍ଧତା ଏବଂ ସେବା ଯାହା ଓଡ଼ିଶାର ନୈତିକ ପୃଷ୍ଠଭୂମି ଗଠନକୁ ମଜବୁତ କରେ । ସେମାନଙ୍କର ସଫଳତା ହେଉଛି ଉଜ୍ଜ୍ୱଳ ଉଦାହରଣ ଯାହା ଅନ୍ୟମାନଙ୍କୁ ସ୍ୱପ୍ନ ଦେଖିବା, ପ୍ରୟାସ କରିବା ଏବଂ ଯୋଗଦାନ ଦେବାକୁ ଉତ୍ସାହିତ କରେ ବୋଲି ରାଜ୍ୟପାଳ କହିଥିଲେ ।

ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ଏବଂ ଜନସେବା ପ୍ରତି ନିରନ୍ତର ପ୍ରତିବଦ୍ଧତା ପାଇଁ ଓଡ଼ିଶା ଟେଲିଭିଜନ ନେଟୱାର୍କକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଉତ୍କର୍ଷତା ଏବଂ ସାମାଜିକ ଅବଦାନକୁ ପ୍ରତିଫଳିତ କରୁଥିବା ପ୍ଲାଟଫର୍ମଗୁଡ଼ିକୁ ମଜବୁତ କରିବା ପାଇଁ ସେ ଓଟିଭିର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଜାଗି ମଙ୍ଗତ ପଣ୍ଡାଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ । ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ଓଟିଭି ସାଧାରଣ ଆଲୋଚନାକୁ ସମୃଦ୍ଧ କରିବା, ଗୋଷ୍ଠୀଙ୍କୁ ସଶକ୍ତ କରିବା ଏବଂ ଓଡ଼ିଶାକୁ ବିଶ୍ୱ ସହିତ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସମାରୋହରେ ପ୍ରାରମ୍ଭରେ ଓଡ଼ିଶା ଟେଲିଭିଜନ ନେଟୱାର୍କର ନିର୍ଦ୍ଦେଶିକା ଶ୍ରୀମତୀ ଜାଗି ମଙ୍ଗତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
* * *
**O-1593**

**e-Procurement for Building works**
**Bid Identification No: EERWJYP – Online -08/2025-26**

Letter No. 5148 Date: 25.11.2025

01. Name of the work :: Building works
02. Total Number of works :: 02 (Two) Nos.
03. Approximate Estimated cost :: Rs. 25.21 Lakhs to Rs. 25.42 lakhs (approximately)
04. Class of Contractor : "C" & "B" Class
05. Period of Completion :: within 6 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/08/ RWD-JYP/2025-26 | Sl No.01 to 02 | 02.12.2025 at 10.00 A.M | 08.12.2025 upto 5.00 P.M. | 06.12.2025 at 01.30 P.M | 09.12.2025 at 10.00 P.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

OIPR-25160/11/0026/2526
**Executive Engineer,**
**Rural Works Division : Jaypore.**



Government of Odisha
GOVERNMENT OF ODISHA
OFFICE OF THE EXECUTIVE ENGINEER RURAL WORKS DIVISION,.BALLIGUDA.
No. 4432 //RWDBLG,. Date 28.11.2025
**O-1631**

1st Corrigendum to the Bid Identification No. Online tender/14/EERWD BLG/2025-26

The tender invited vide Bid Identification No. Online tender/14/EERWD BLG/2025-26 vide T.O. Office Letter No.4281 dt. 20.11.2025. Due to unavoidable circumstances, the availability of tender online for bidding is from 01.12.2025 at 10.00A.M. to 08.12.2025 upto 5.00P.M. Instead of 25.11.2025 at 10.00AM to 02.12.2025 up to 5.00 P.M. Opening Dt.09.12.2025.
The other terms and conditions are remained unchanged.
Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"

OIPR-25164/11/0019/2526
**Executive Engineer**
**RW.Division, Balliguda**



**OFFICE OF THE NOTIFIED AREA COUNCIL,**
**PIPLI, DIST-PURI**
Ph:06758-241442, E-mail ID- piplinac@gmail.com

INVITATION FOR BID
e-PROCUREMENT NOTICE
No. 2026 / Dt. 24/11/2025
Bid Reference No:- PIPILI-NAC-5(71)/2025-26
Bid Identification No:- 2025_ORULB_121427
**C-1571**

1. Type of Works : -Civil works as mentioned in DTCN
2. Total No of work : -71
3. Bid Value : - As per DTCN
4. Period of completion : - As per DTCN.
5. Date and time Schedule : -
Submission Start: - From 12 hours of 27/11/2025
Submission End: - 17 Hrs. of 08/12/2025
6. Opening of Bid in Online: - From 11.00 A.M of 09/12/2025 onwards

Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in

OIPR-13107/11/0009/2526
**Executive Officer**
**Pipli N.A.C.**

ଭୁବନେଶ୍ୱର
୩୦ ନଭେମ୍ବର,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ କେରଳ ରାଜ୍ୟପାଳ

ଭୁବନେଶ୍ୱର,୨୯/୧୧
ନ୍ୟୁଜ ବ୍ୟୁରୋ

ଦୁଇ ରାଜ୍ୟର ରାଜ୍ୟପାଳଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷତକାର ହୋଇଛି । ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ସାକ୍ଷାତ କରିଛନ୍ତି । ଏ ନେଇ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି ରାଜ୍ୟପାଳ ଡ. କମ୍ଭମପାଟି ।

ଏକ୍ସରେ ରାଜ୍ୟପାଳ ଡ. କମ୍ଭମପାଟି ସାକ୍ଷାତ ନେଇ ଲେଖିଛନ୍ତି, "ଶନିବାର ଓଡ଼ିଶା ରାଜଭବନରେ କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ସହ ଏକ ସୌଜନ୍ୟପୂର୍ଣ୍ଣ ସାକ୍ଷାତକାର ହୋଇଛି । ଆଲୋଚନା ଅତ୍ୟନ୍ତ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଥିଲା ଏବଂ ପ୍ରେରଣାଦାୟୀ ଅର୍ଥପୂର୍ଣ୍ଣ ମତ ବିନିମୟ ହୋଇଛି ।" ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଫଟୋରେ ଦେଖିବାକୁ ମିଳିଛି ଯେ, ଦୁଇ ରାଜ୍ୟପାଳ ପରସ୍ପରକୁ ହାତଯୋଡି ଅଭିବାଦନ ଜଣାଇଛନ୍ତି । ଏହାପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କେରଳ ରାଜ୍ୟପାଳଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ମୂର୍ତ୍ତି ଥିବା ଫଟୋ ପ୍ରଦାନ କରିଥିବା ଦେଖିବାକୁ ମିଳିଛି ।




# ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବା ନିଷ୍ପତ୍ତି ସ୍ଥଗିତ ରଖିଲା ଶ୍ରୀମନ୍ଦିର ପ୍ରଶାସନ

ଭୁବନେଶ୍ୱର,୨୯/୧୧
ନ୍ୟୁଜ ବ୍ୟୁରୋ

ପୁରୀ ଗୁଣ୍ଡିଚା ମନ୍ଦିର ଖୋଲିବା ନେଇ ଘୋଷଣାର ଦିନ କେଇଟା ପରେ ପୁଣି ଥରେ ନିଷ୍ପତ୍ତି ସ୍ଥଗିତ ରଖିଲା ଶ୍ରୀମନ୍ଦିର ପ୍ରଶାସନ । ଫଳରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଭକ୍ତଙ୍କ ପାଇଁ ଖୋଲିବାକୁ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବ ନାହିଁ । ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ । ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଏବେ ପୁଣି ଶ୍ରୀଗୁଣ୍ଡିଚା ମନ୍ଦିର ନ ଖୋଲିବା ନିଷ୍ପତ୍ତି ଅନିଶ୍ଚିତତା ସୃଷ୍ଟି କରିଛି । ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବକୁ ସାମୟିକ ଭାବେ ସ୍ଥଗିତ କରାଯାଇଛି । ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ପରେ ପରିଚାଳନା କମିଟି ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ । ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ସର୍ବସାଧାରଣଙ୍କ ପାଇଁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା । ଏହା ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରିପୋର୍ଟ ଦେଇଛନ୍ତି । ଯେଉଁଥି ପାଇଁ ପୂର୍ବ ନିଷ୍ପତ୍ତିକୁ ସ୍ଥଗିତ କରାଯାଇଥିବା କୁହାଯାଉଛି । ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ଥିବା ସହ ଖଣ୍ଡୋଲାଇଟ୍ ପଥର ଲଗା କାମ ବାକି ଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନ ଗୁଡିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତିକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି । ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏଁ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି ।

## ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉଦ୍‌ଯାପନୀ ସମାରୋହ

# ଓଡ଼ିଶାର ବିକାଶ ଭିତ୍ତିଭୂମି ସ୍ଥାପନରେ ଡ. ମହତାବଙ୍କ ନେତୃତ୍ୱ ଚିରସ୍ମରଣୀୟ



କଟକ,୨୯।୧୧ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ବିକାଶ ଭିତ୍ତିଭୂମି ସ୍ଥାପନରେ ଡ. ମହତାବଙ୍କ ନେତୃତ୍ୱ ଚିରସ୍ମରଣୀୟ ବୋଲି ଦି' ୟୁନିଭର୍ସ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ବର୍ଷବ୍ୟାପୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ବିଜୁ ପଟ୍ଟନାୟକ ଛକ ସ୍ଥିତ ସାରଳା ଭବନରେ କ୍ୟାଟ୍‌ର ପୂର୍ବତନ ଉପାଧ୍ୟକ୍ଷ ବିଚାରପତି ମନୋରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟବକ୍ତା ଭାବେ ଇତିହାସ ଗବେଷକ ପ୍ରଫେସର ଡକ୍ଟର ଚଣ୍ଡୀ ପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିରଦୋସ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ସମାଜସେବୀ ତଥା ସିନର୍ଜି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ବିନୋଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଉତ୍ସବରେ ଉପସ୍ଥିତ ଅତିଥିମାନେ ନୂତନ ଓଡ଼ିଶାର ନିର୍ମାଣରୁ ନେଇ ସ୍ୱାଧୀନତା ଆନ୍ଦୋଳନ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାରେ ବିକାଶର ଭିତ୍ତିଭୂମି ସ୍ଥାପନରେ ମହତାବଙ୍କ ନେତୃତ୍ୱ ଚିରସ୍ମରଣୀୟ ବୋଲି କହିବା ସହ ଡକ୍ଟର ମହତାବଙ୍କୁ ଭାରତ କେଶରୀ ସମ୍ମାନ ପ୍ରଦାନ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଛନ୍ତି । ଏହି ଅବସରରେ କଟକ ଏନ୍‌ସିସି ଗ୍ରୁପ୍ କମାଣ୍ଡର ତଥା ସମାଜସେବୀ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଓ 'ସମ୍ବାଦ-କନକ ନିୟୁଜ' କଟକ ସଂସ୍କରଣ ମୁଖ୍ୟ, ଡିଜିଏମ୍ କୃଷ୍ଣ ପ୍ରସାଦ ଦାସଙ୍କୁ ସମ୍ମାନିତ କରାଯାଇଥିଲା । ସଭାରେ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଡକ୍ଟର ହରେକୃଷ୍ଣ ମହତାବଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ସ୍ମରଣିକାକୁ ଉନ୍ମୋଚନ କରାଯାଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ । ବିଶିଷ୍ଟ ସାହିତ୍ୟିକ ତଥା ଗୀତିକାର ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିବା ବେଳେ ଡକ୍ଟର ପ୍ରଜ୍ଞା ମିଶ୍ର ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ସମାରୋହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ସ୍କୁଲ ଓ କଲେଜର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜ, ଇନ୍ଦିରା ଗାନ୍ଧୀ ଓ ଇମର୍ତ୍ତୀ ଦେବୀ ମହିଳା କଲେଜର ଛାତ୍ରୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କିଶୋର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରେନ୍ଦ୍ରକୃଷ୍ଣ ଧଳ ଅଷ୍ଟମ ସ୍ମାରକୀ ବକ୍ତୃତାମାଳା

# ନୂଆ ଟେକ୍ନୋଲୋଜିର ବ୍ୟବହାର ପ୍ରତି ଧ୍ୟାନ ଦିଆନଗଲେ ତାହା ସମାଜ ପାଇଁ ବିପଦଜନକ ହେବ : ସ୍ୱପନ ଦାସଗୁପ୍ତା

ଭୁବନେଶ୍ୱର, ୨୯/୧୧ ନ୍ୟୁଜ ବ୍ୟୁରୋ

ଗଣମାଧ୍ୟମ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ବା ନୂତନ ବୈଷୟିକ ଜ୍ଞାନ ପ୍ରୟୋଗର ସକରାତ୍ମକ ଦିଗ ପ୍ରତି ଏବେଠାରୁ ଉପଯୁକ୍ତ ଧ୍ୟାନ ଦିଆନଗଲେ ଭବିଷ୍ୟତରେ ତାହା ଗଣତନ୍ତ୍ର ଓ ମାନବ ଜଗତ ପାଇଁ ଅତ୍ୟନ୍ତ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି । କୃତ୍ରିମ ବୁଦ୍ଧିମତା ବା ଏଆଇ ଓ ସାମାଜିକ ଗଣମାଧ୍ୟମର ବହୁଳ ଅପବ୍ୟବହାର ଦିଗରେ ସଜାଗ ରହିବାକୁ ଦେଶର ବିଶିଷ୍ଟ ସାମ୍ବାଦିକ ତଥା ପଦ୍ମଭୂଷଣ ସ୍ୱପନ ଦାସଗୁପ୍ତା ପରାମର୍ଶ ଦେଇଛନ୍ତି । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନ ପରିସରରେ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ' ପକ୍ଷରୁ ଆୟୋଜିତ ଅଷ୍ଟମ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ଦାସଗୁପ୍ତା ବକ୍ତୃତା ପ୍ରଦାନ କରିଥିଲେ । ସେ କହିଥିଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଉଭୟ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । "ଗଣମାଧ୍ୟମ, ଗଣତନ୍ତ୍ର ଏବଂ ସୁଶାସନ; ପାରମ୍ପରିକ ବନାମ ନୂତନ ଗଣମାଧ୍ୟମର ଭୂମିକା" ଶୀର୍ଷକ ବିଷୟବସ୍ତୁ ଉପରେ ଶ୍ରୀ ଦାସଗୁପ୍ତା ବକ୍ତବ୍ୟ ପ୍ରଦାନ କରି ଭାରତୀୟ ଗଣମାଧ୍ୟମର କ୍ରମବିକାଶ ଓ ଦେଶଗଠନରେ ତାହାର ପ୍ରମୁଖ ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ନୂଆ ଟେକ୍ନୋଲୋଜିକୁ ଗ୍ରହଣ ଓ ପ୍ରୟୋଗ କଲାବେଳେ ତାହାର ସମସ୍ତ ଦିଗ ପ୍ରତି ସଜାଗ ଦୃଷ୍ଟି ରଖିବା ଅତ୍ୟନ୍ତ ଜରୁରୀ । ଏଥିସହିତ ବରେନ୍ଦ୍ରକୃଷ୍ଣ ଧଳଙ୍କ ନିର୍ଭୀକ ସାମ୍ବାଦିକତା ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ବହୁମୁଖୀ ପ୍ରତିଭା ରହିଥିବା ଦର୍ଶାଇଥିଲେ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେ ଦୃଷ୍ଟିରୁ ସମାଜର ସାମୂହିକ ସ୍ୱାର୍ଥ ଏବଂ ଜନଗଣଙ୍କ ପ୍ରକୃତ ସମସ୍ୟାକୁ ଯଥାର୍ଥ ଭାବେ ଠିକଣା ଢଙ୍ଗରେ ଲୋକଲୋଚନକୁ ଆଣିବା ଦିଗରେ ଗଣମାଧ୍ୟମ ବିଶେଷକରି ମୁଦ୍ରିତ ଓ ବୈଦ୍ୟୁତିକ ସମେତ ସାମାଜିକ ଗଣମାଧ୍ୟମ ତାଙ୍କର ଭୂମିକାକୁ ନିଷ୍ଠାର ସହ ପାଳନ କରିବା ପାଇଁ ଶ୍ରୀ ଦାସଗୁପ୍ତା ପରାମର୍ଶ ଦେଇଥିଲେ । ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ତାଙ୍କ ବକ୍ତବ୍ୟରେ କହିଥିଲେ ଦୀର୍ଘ ୫ ଦଶନ୍ଧି ଧରି ବରେନ୍ଦ୍ରକୃଷ୍ଣ ଧଳ ଓଡ଼ିଶାରେ ନିଚ୍ଛକ ସାମ୍ବାଦିକତା ନିର୍ଭୀକତାର ସହ ଯେପରି ଚଳାଇ ଆସିଥିଲେ ତାହା ଏବର ସାମ୍ବାଦିକମାନେ ତାଙ୍କ ପାଖରେ ଦେଖାଯାଉନାହିଁ । ବାସ୍ତବ କ୍ଷେତ୍ରରେ ସେ ସମାଜର ପ୍ରକୃତ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଯେଉଁଳି ଭାବେ କଲମ ଚଳନା କରିଥିଲେ ଏବଂ ସେଥିରେ ପ୍ରତିଷ୍ଠା ଲାଭ କରିଥିଲେ ତାହା ବିରଳ । ସାମ୍ବାଦିକତା ସହ ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା ଓ ସଂଗଠନ କ୍ଷେତ୍ରରେ ମଧ୍ୟ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଥିଲା ଯାହା ଆଜିର ସାମ୍ବାଦିକଙ୍କ ପାଇଁ ଅନୁକରଣୀୟ ହେବ ବୋଲି ଶ୍ରୀ ମହତାବ କହିଥିଲେ । ବିଶିଷ୍ଟ ଅତିଥି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଲେଖକ ଓ ବିଶିଷ୍ଟ ସମାଜସେବୀ ନମ୍ରତା ଚଢା ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳଙ୍କ ସାମ୍ବାଦିକତା ଜୀବନୀ, ସମାଜସେବା ଓ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପ୍ରଚାର ପ୍ରସାର ଦିଗରେ ରହିଥିବା ପ୍ରମୁଖ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓ ନ୍ୟାସର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବକ୍ତୃତାମାଳା କାର୍ଯ୍ୟକ୍ରମରେ ପ୍ରତିବର୍ଷ ପରି ଚଳିତବର୍ଷ ଢେଙ୍କାନାଳ ଆଇଆଇଏମ୍‌ସିରୁ ଓଡ଼ିଆ ସାମ୍ବାଦିକତାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଦିବାଲିନା ବେହେରା ଏବଂ ପ୍ରଥମଥର ପାଇଁ ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ କୃତୀ ପ୍ରତିଭାଧର ଭାବେ ମନୋନୀତ ହୋଇଥିବା ବିଶିଷ୍ଟ ଗାଳ୍ପିକା ସ୍ୱପ୍ନା ମିଶ୍ରଙ୍କୁ ନ୍ୟାସ ପକ୍ଷରୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସାହିତ୍ୟ ସମ୍ମାନରେ ସ୍ୱତନ୍ତ୍ର ଭାବେ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରୀ ଦିବାଲିନାଙ୍କୁ ନ୍ୟାସ ପକ୍ଷରୁ ନଗଦ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦିଆଯାଇଥିଲା । ପଶ୍ଚିମା ପବ୍ଲିକେଶନର ମୁଖ୍ୟ ତଥା ନ୍ୟାସର ଅନ୍ୟତମ ଟ୍ରଷ୍ଟି ଅଶୋକ ମହାନ୍ତି ବକ୍ତୃତାମାଳା କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ଶତ୍ରୁଜିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ବକ୍ତୃତାମାଳା କାର୍ଯ୍ୟକ୍ରମ ଆରମ୍ଭରେ ବରେନ୍ଦ୍ରକୃଷ୍ଣ ଧଳଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାମ୍ବାଦିକ, ସାହିତ୍ୟିକ, ରାଜନେତା ଓ ବୁଦ୍ଧିଜୀବୀଗଣ ଯୋଗ ଦେଇଥିଲେ ।







